ହଂସୀ

(କାବ୍ୟ)

-ମାଟିର କବି-

ସୁରେଶ ଚନ୍ଦ୍ର ଚୌହାନ

ହଠସ୍ୱୀ
(କାବ୍ୟ)

କବି:
ସୁରେଶ ଚନ୍ଦ୍ର ଚୌହାନ
ଆଶାପୁରି, ବରିକେଲ
ବରଗଡ଼-୭୬୮୦୩୬
ମୋ-୮୧୧୭୯୧୨୬୬୪

© ସୁରେଶ ଚନ୍ଦ୍ର ଚୌହାନ

ପ୍ରକାଶକ:
ଦେବଶ୍ରୀ ଟ୍ରେଡର୍ସ, ବଲାଙ୍ଗିର

ପରିବେଷକ:
ନୁଆଁସକାଳ ପବ୍ଲିକେସନ୍ସ
ଡୁଙ୍ଗୁରିପାଲି
ସୁବର୍ଣ୍ଣପୁର-୭୬୭୦୨୩
ମୋ-୯୯୩୭୯୮୬୮୯୭

ମଲାଟ: ପ୍ରବିଣ

ଛାପାଖାନା:
ଜୟଶ୍ରୀ ପ୍ରି ର୍ସ, ବଲାଙ୍ଗିର

ସଂସ୍କରଣ: ମେ, ୨୦୨୫

ମୂଲ୍ୟ: ୧୦୦/-

HATHASWEE
(Epic)

Poet:**Suresh Chandra Chouhan**
Aashapuri, Barikel
Bargarh-768036
Mob-817312664

© Suresh Chandra Chouhan

Publishers:
Debashree Traders, Balangir

Distributor:
Nuansakal Publications
Dunguripali
Subarnapur-767023,
Mob-9937986897

Cover:
Pravin

Printed at:
Jayashree Printer, Balangir

Edition:
May, 2025

Price:
100/-

ISBN: 978-81-988357-9-6

ଉତ୍ସର୍ଗ...

କୋଶଳ ମାଟିର ବୀର ସୁଯୋଗ୍ୟ ସନ୍ତାନଙ୍କୁ ଉତ୍ସର୍ଗୀକୃତ କଲିଁ

ଇତି

ଭବଦୀୟ

ସୁରେଶ ଚନ୍ଦ୍ର ଚୌହାନ

ପାଠକଙ୍କୁ ପଦେ



ଶ୍ରଦ୍ଧେୟ,

ପାଠକ ବୃନ୍ଦ ଏହି 'ହଂସ୍ୱୀ' କାବ୍ୟଟି ସ୍ୱଦେଶପ୍ରେମୀ ଘେଁସ ଜମିଦାର ମାଧୋ ସିଂଙ୍କ ଦେଶ ପ୍ରେମ ମା ମାଟିର ସ୍ୱାଭିମାନରେ ଜିତ୍‌ଖୋର ହୋଇ ଇଂରେଜଙ୍କ ସହିତ ଯୁଦ୍ଧ କରି ନିଜ ଆତ୍ମୀୟ ସ୍ୱଜନ ତଥା ପୁତ୍ରମାନଙ୍କ ବଳିଦାନ, ପ୍ରଜାମାନଙ୍କ ସହଯୋଗ ଗୌନ୍ତିଆମାନଙ୍କ ଅବଦାନ ଓ ତ୍ୟାଗକୁ ନେଇ ଗଢ଼ି ଉଠିଛି ଏହି ବିରଳ ବୀରତ୍ୱର ପରାକାଷ୍ଠା 'ହଂସ୍ୱୀ' କାବ୍ୟ ।

ଏହା ବୀର ରସରେ ରଚିତ ପାଠକଙ୍କୁ ବେଶ ଆମୋଦିତ କରିବା ସହିତ ଭବିଷ୍ୟତ ପିଢ଼ିର ଯୁବକଙ୍କୁ ଦେଶ ପ୍ରେମରେ ଉଦ୍‌ବୁଦ୍ଧ କରିବ ବୋଲି ମୋର ଆଶା ।

ସୁରେଶ ଚନ୍ଦ୍ର ଚୌହାନ

ଅଭିମତ

ଓଡ଼ିଆ ସାହିତ୍ୟର ସଫଳ ସାଧକ ତଥା ସାରସ୍ୱତ ପ୍ରତିଭା ସମନ୍ୱିତ ମାଟିର କବି ପ୍ରଖ୍ୟାତ ଯଶ । ପଣ୍ଡିତ ସୁରେଶ ଚନ୍ଦ୍ର ଚୌହାନଙ୍କ କରକମଳାଙ୍କିତ 'ହଂସ୍ୱୀ' କାବ୍ୟ ଓଡ଼ିଅ ସାହିତ୍ୟ ପ୍ରତି ଏକ ଅଭିନବ ପବିତ୍ର ଦାନ । ସୁଜଳା ସୁଫଳା ଶସ୍ୟ ଶ୍ୟାମଳା ଗିରିନିର୍ଝରେ ପରିବେଷ୍ଟିତ । ଉତ୍କୃଷ୍ଟ କଳା ସୁଶୋଭିତା ପଶ୍ଚିମ ଓଡ଼ିଶାର ଅଭିଲୁକ୍କାୟିତ ଐତିହ୍ୟ ଓ ପାରିମ୍ପରିକ ଗୌନ୍ତିଆ ଜମିଦାରଙ୍କର ମାଟି ମାଆ ପ୍ରତି ସେବା ସାହସ ଉତ୍ସର୍ଗୀକୃତ ଜୀବନ ଓ ଭୌଗୋଳିକ ଅବସ୍ଥିତିକୁ ଅତି ନିଖୁଣ ଭାବରେ ପ୍ରତିପାଦନ କରି ଜନମାନସରେ ସକ୍ରିୟ ପ୍ରତ୍ୟୟ ପ୍ରତିଭାତ କରିବାର ଦୃଢ଼ ପ୍ରୟାସ ଏବଂ ଅଦମ୍ୟ ଆୟାସ ପରବର୍ତ୍ତୀ ସାହିତ୍ୟ ସୋପାନ ଅରୋହୀଙ୍କ ପାଇଁ କାବ୍ୟିକ ପ୍ରତିଭାର ପରମ ଔକର୍ଷ୍ୟତା ପ୍ରତିପାଦିତ ସହିତ ଜ୍ଞାତବ୍ୟ ସ୍ଥଳରେ ଉପନିତ ହେବାର ଅନୁକୂଳ ପରିବେଶ ସୃଷ୍ଟି କରିପାରିବ । 'ହଂସ୍ୱୀ' କାବ୍ୟାରମ୍ଭରେ ଦେଶମାତୃକାର ଜୟଗାନ ଓ ସମଲେଶ୍ୱରୀ ଅଷ୍ଟକ ମଙ୍ଗଳାଚରଣରୁ ଆରମ୍ଭ କରି ମନସ୍ୱୀ ମାଧୋ ସିଂ, ହଟେ ସିଂ, ଐରୀ ସିଂ, ଗୋବିନ୍ଦ ସିଂ ଏବଂ ବୀରସୁରେନ୍ଦ୍ର ସାଏ ପ୍ରଭୃତି ଦେଶପ୍ରେମୀଙ୍କର ଦେଶ ମାତୃକା ପାଇଁ ବଳିଦାନ ଓ ରାଷ୍ଟ୍ର କଲ୍ୟାଣାଦି ଭାବବୋଧକୁ କବି

ସୁରେଶ ଚନ୍ଦ୍ର କାବ୍ୟିକ ଛଟାରେ ବଙ୍ଗଳାଶ୍ରୀ ଛନ୍ଦରେ ସଂପୁଟିକୃତ କରି 'କଳିଙ୍ଗ ସାହସିକଃ' ପଦବାଚ୍ୟକୁ ସର୍ବାନ୍ତ କରଣରେ ସଫଳାୟନ କରିପାରିଛନ୍ତି । ତାଙ୍କର ପ୍ରତିଭାସୃଷ୍ଟ କାଳଜୟୀ କାବ୍ୟ ପ୍ରଦୀପ ଶିଖାରେ ସଜ୍ଜନ ସହୃଦୟ ସ୍ୱାଭିମାନୀ ସମାଜସେବୀଙ୍କୁ ସମୁଦ୍ଭାସିତ କରିପାରିବ ବୋଲି ବିଶ୍ୱାସ କରାଯାଏ । ପ୍ରୋକ୍ତ କାବ୍ୟାନୁଶୀଳନରେ ସାତିଶୟ ପ୍ରୀତି ଲାଭକରି ତାଙ୍କର ଶାନ୍ତି-ସ୍ୱସ୍ତି-ସୁଖ ସମୃଦ୍ଧି ପାଇଁ ସମାରାଧ୍ୟା ସଦାଶିବା ସମଲେଶ୍ୱରୀଙ୍କ ଚରଣାରବିନ୍ଦରେ ଚିରପ୍ରାର୍ଥନା କରୁଛି ।

ଅଧ୍ୟାପକ ଭାଗୀରଥି ପଣ୍ଡା
ସାହିତ୍ୟାଚାର୍ଯ୍ୟ, ଏମ୍.ଏ.
ଲାଲାଜୀ ଗୋପାଳଜୀ ସଂସ୍କୃତ ମହାବିଦ୍ୟାଳୟ
ବରିକେଲ, ବରଗଡ଼

ସମଲେଶ୍ୱରୀ ଅଷ୍ଟକମ୍

(ଛନ୍ଦ- ଶାର୍ଦ୍ଦୁଳ ବିକ୍ରୀଡିତମ୍)

ଶ୍ଳୋକ- ୧

ଆଦ୍ୟେ ଆଶାପୁରୀ ସଦା ଶିବକରୀ ତ୍ରେତୟା ଲଙ୍କେଶ୍ୱରୀ
ଦ୍ୱାପରେ କୁମାରୀ ଅମୃତ ବିତରୀ ମାତା କୃପା ସାଗରୀ
ବ୍ରହ୍ମାନନ୍ଦ ପ୍ରଦାୟିନୀ ରୂପ ଧରି ମୋହିନୀ ଶୁଭଙ୍କରୀ
ତ୍ରାହିମାଂ କୋଶଳେ ସଦା ସୁଖକରୀ ଶ୍ରୀ ସମଲାଖ୍ୟେଶ୍ୱରୀ ।

ଅନୁବାଦ-

ହେ ଦେବୀ ! ପ୍ରଥମେ ସତ୍ୟ ଯୁଗରେ ଆଶାପୁରା ନାମରେ ସଦା ସର୍ବଦା ଜଗତର ମଙ୍ଗଳକାରିଣୀ ଅଟ । ତ୍ରେତୟା ଯୁଗରେ ଲଙ୍କାପୁରରେ ଆପଣଙ୍କ ନାମ ଲଙ୍କେଶ୍ୱରୀ ରହିଥିଲା ହେ ମାତ ! କୃପା ସାଗରୀ ଦ୍ୱାପର ଯୁଗରେ ସମୁଦ୍ର ମନ୍ଥନ ବେଳେ କୁମାରୀ ରୂପରେ ଅମୃତ ବିତରଣ କରିଥିଲ । ହେ ମୋହିନୀ ଶୁଭଙ୍କରୀ ! ରୂପରେ ବ୍ରହ୍ମାନନ୍ଦ ପ୍ରଦାନ କରିଥାଅ, ହେ ସମଲେଶ୍ୱରୀ ନାମ୍ନି ଦେବୀ କୋଶଳରେ ସୁଖ ପ୍ରଦାନ କାରିଣୀ ମୋତେ ସର୍ବଦା ରକ୍ଷା କରନ୍ତୁ ।

ଶ୍ଳୋକ- ୨

କଳିକାଳୋଦ୍ଧରୀ କୋଶଳେବିଚରୀ ମାତା ସୁର୍ଗୁଜେଶ୍ୱରୀ
ମାୟା ମୋହମୟୀ ଜନୋଦୟକରୀ ବ୍ରହ୍ମାଣ୍ଡ ଭାଣ୍ଡୋଦରୀ
ଦୀପଶିଖା ଧରୀ ସୀମନ୍ତିନୀ ନାରୀ ଶିମୁଳୀ ପିଠେଶ୍ୱରୀ
ତ୍ରାହିମାଂ କୋଶଳେ ସଦା ସୁଖକରୀ ଶ୍ରୀସମଲାଖ୍ୟେଶ୍ୱରୀ ।

ଅନୁବାଦ- ହେ ମାତା ସୁର୍ଗୁଜେଶ୍ୱରୀ ଏହି କୋଶଳରେ ବିଚରଣ କରି କଳିଯୁଗରେ ଭକ୍ତଙ୍କୁ ଉଦ୍ଧାର କରୁଛ । ହେ ବ୍ରହ୍ମାଣ୍ଡ ଉଦରୀ ମାୟା ମୋହମୟୀ ଆପଣ ଜଗତକୁ ଜନ୍ମ ଦେଇଛନ୍ତି । ହେ ଶିମୂଳୀ ପିଠେଶ୍ୱରୀ ! ସୀମନ୍ତିନୀ ନାରୀ ରୂପରେ ଦୀପ ଶିଖାଟିଏ ଧରି ରାଜା ବଳରାମ ଦେବଙ୍କୁ ଦର୍ଶନ ଦେଇଥିଲ । ହେ କୋଶଳର ସୁଖଦାୟିନୀ ସମଲେଶ୍ୱରୀ ମୋତେ ସର୍ବଦା ରକ୍ଷା କରନ୍ତୁ ।

ଶ୍ଳୋକ-୩ ଉଦ୍ୟ ଚନ୍ଦ୍ର ପ୍ରଭାକରୀ ଅଭୟଦାଂ ହେ ଗୁମଦର୍ହେଶ୍ୱରୀ !
ନାଭୀଚକ୍ର ବିନୋଦିନୀ ତୁ ତ୍ରିପୁରା ପ୍ରତ୍ୟକ୍ଷ ମାହେଶ୍ୱରୀ
ଗଡ଼ଶମ୍ଭରେ ତୁ ଶ୍ରୀଗଡ଼ଶମ୍ଭରୀ ଶକ୍ତିରୂପୀ ଶଙ୍କରୀ
ତ୍ରାହିମାଂ କୋଶଳେ ସଦା ସୁଖକରୀ ଶ୍ରୀସମଲାଖ୍ୟେଶ୍ୱରୀ ।

ଅନୁବାଦ- ହେ ଗୁମ ଦର୍ହେଶ୍ୱରୀ ଉଦୟ ଚନ୍ଦ୍ର ପ୍ରଭାକାରିଣୀ ଅଭୟ ଦାୟିନୀ ତୁମେ ତ୍ରିପୁରରେ ନାଭୀଚକ୍ର ବିନୋଦିନୀ ଅଟ । ପ୍ରତ୍ୟକ୍ଷରେ ମାହେଶ୍ୱରୀ ଅଟ । ହେ ଶଙ୍କରୀ ଗଡ଼ଶମ୍ଭରରେ ଗଡ଼ ଶମ୍ଭରୀ ଶକ୍ତି ରୂପେ ବିରାଜମାନ କରୁଅଛ । ହେ କୋଶଳର ସୁଖକାରିଣୀ ସମଲେଶ୍ୱରୀ ମୋତେ ରକ୍ଷା କର ।

ଶ୍ଳୋକ-୪ ପୃଷ୍ଟେ ଛତ୍ରପ୍ରଭା ଗାତ୍ରେ ପାଟବସ୍ତ୍ର ହସ୍ତେ ଖଡ୍ଗ ଉଦ୍ଧରୀ
ଚୈତ୍ରେ ଚ ବିଚରୀ ସର୍ବ ଦୁଃଖହରୀ ମାତା ପାଟଣେଶ୍ୱରୀ ।
ଅରାଜକହରୀ ଶାସନ ସୁଧରୀ ମାତା ମାଣିକେଶ୍ୱରୀ
ତ୍ରାହିମାଂ କୋଶଳେ ସଦା ସୁଖକରୀ ଶ୍ରୀ ସମଲାଖ୍ୟେଶ୍ୱରୀ ।

ଅନୁବାଦ- ହେ ଦେବୀ ! ତୁମେ ପାଟଣେଶ୍ୱରୀ ରୂପରେ ପୃଷ୍ଠପଟରେ ପ୍ରଭା ଶରୀରରେ ପାଟବସ୍ତ୍ର ହସ୍ତରେ ଖଣ୍ଡା ଧାରଣ କରି ଚୈତ୍ର ମାସରେ ବିଚରଣ କରି ସମସ୍ତଙ୍କ ଦୁଃଖ ହରଣ କର । ହେ ମାତ ! ତୁମେ ମାଣୀକେଶ୍ୱରୀ ରୂପରେ ରାଜ୍ୟରେ ଅରାଜକତା ସମୟରେ ଶାସନ ସୁଧାର ଆଣିଥାଅ । ହେ କୋଶଲେଶ୍ୱରୀ ସର୍ବଦା ସୁଖ ପ୍ରଦାନକାରିଣୀ ସମଲେଶ୍ୱରୀ ମତେ ରକ୍ଷା କରନ୍ତୁ ।

ଶ୍ଲୋକ-୫

ଆ ର୍ତ୍ରାଣକାରୀ ବ୍ରାହ୍ମୀ ରୂପ ଧରୀ ଶତ୍ରୁ ସଦା ସଂହରୀ
ଗରୁଡାରୋହିଣୀ ବୈଷ୍ଣବୀ ସୁନ୍ଦରୀ କାରୁଣ୍ୟ ପୂର୍ଣ୍ଣେଶ୍ୱରୀ
ରୂପଗୁଣହରୀ ତ୍ୱମେବ କୁମାରୀ ଚିତ୍ରୋତ୍ପଳା ବିହାରୀ
ତ୍ରାହିମାଂ କୋଶଳେ ସଦା ସୁଖକରୀ ଶ୍ରୀସମଲାଖ୍ୟେଶ୍ୱରୀ ।

ଅନୁବାଦ- ହେ ଦେବୀ ! ବ୍ରାହ୍ମୀ ରୂପରେ ସର୍ବଦା ଶତ୍ରୁଙ୍କୁ ସଂହାର କରି ଦୁଃଖି ଜନଙ୍କୁ ଉଦ୍ଧାର କର । ହେ ବୈଷ୍ଣବୀ ସୁନ୍ଦରୀ ଗରୁଡ଼ ପିଠିରେ ଆରୋହଣ କରି ସମ୍ପୂର୍ଣ୍ଣ ରୂପେ ଦୟାମୟୀ ଅଟ । ତୁମେ ହିଁ କୁମାରୀ ରୂପ ଗୁଣରେ ଜନମନଙ୍କୁ ହରଣ କରି ଚିତ୍ରୋତ୍ପଳା (ମହାନଦୀ) ତୀରରେ ବିଚରଣ କର । ହେ କୋଶଳ ସୁଖକାରିଣୀ ସମଲେଶ୍ୱରୀ ମତେ ରକ୍ଷା କର ।

ଶ୍ଲୋକ-୬

ନରସିଂହୀ ରୂପଧରୀ ଭୟଙ୍କରୀ ରକ୍ଷ ସଦା ସଂହରୀ
ଐନ୍ଦ୍ରୀ ରୂପଧରୀ ଐରାବତୋପରୀ ଅଧ୍ୟାରୂଢ଼ ଶଙ୍କରୀ
ବଜ୍ର ଧନୁଧରୀ ଆପଦ ସଂହରୀ ଲୋକହିତେ ଭ୍ରାମରୀ
ତ୍ରାହିମାଂ କୋଶଳେ ସଦା ସୁଖକରୀ ଶ୍ରୀସମଲାଖ୍ୟେଶ୍ୱରୀ ।

ଅନୁବାଦ- ହେ ଦେବୀ ! ଭୟଙ୍କର ନରସିଂହୀ ରୂପଧାରଣ କରି ସର୍ବଦା ଶତ୍ରୁ ସଂହାର କର । ହେ ଶଙ୍କରୀ ଐନ୍ଦ୍ରୀ ରୂପରେ ଐରାବତ ହସ୍ତୀ ଉପରେ ଚଢ଼ି ବଜ୍ର ଧନୁ ଧାରଣ କରି ଭ୍ରମଣ କର । ଏବଂ ଭ୍ରାମରୀ ରୂପରେ ବିପଦ ଗୁଡିକୁ ସଂହାର କରି ଲୋକଙ୍କର ହିତ କାମନା କରିଥାଅ । ହେ କୋଶଳର ସୁଖକାରିଣୀ ସମଲେଇ ମତେ ରକ୍ଷା କର ।

ଶ୍ଲୋକ-୭
ଚଣ୍ଡୀରୂପ ଧରୀ ପରିକ୍ରମାକରୀ ହ୍ରୀଂ ବୀଜମନ୍ତ୍ରାକ୍ଷରୀ
ବିଦ୍ୟା ଦାନକରୀ ବୀଣା ସହଚରୀ ଅମୃତ ବାଗୀଶ୍ୱରୀ
ଧାତା ଶକ୍ତିଧରୀ ମାତା ସୁରେଶ୍ୱରୀ ବାସ ସୁବର୍ଣ୍ଣପୁରୀ
ତ୍ରାହି ମାଂ କୋଶଳେ ସଦା ସୁଖକରୀ ଶ୍ରୀ ସମଲାଖ୍ୟେଶ୍ୱରୀ ।

ଅନୁବାଦ- ହେ ଦେବୀ ! ଚଣ୍ଡୀ ରୂପ ଧାରଣ କରି ହ୍ରୀଂବୀଜ ଧାରଣ ପୂର୍ବକ ପରିକ୍ରମା କର । ହେ ଦେବୀ ! ସରସ୍ୱତୀ ରୂପରେ ସଦା ବୀଣା ଧାରଣ କରି ଅମୃତ ବାଣୀ ପ୍ରଦାନ କରିଥିବାରୁ ଆପଣଙ୍କୁ ବାଗୀଶ୍ୱରୀ କୁହାଯାଏ । ହେ ଦେବୀ ! ମାତା ସୁରେଶ୍ୱରୀ ରୂପରେ ବ୍ରହ୍ମାଙ୍କ ଶକ୍ତି ଧାରଣ କରି ସୁବର୍ଣ୍ଣପୁରରେ ବାସ କରିଛ । ହେ କୋଶଳେଶ୍ୱରୀ ସର୍ବଦା ସୁଖକାରିଣୀ ସମଲେଶ୍ୱରୀ ମୋତେ ରକ୍ଷା କର ।

ଶ୍ଲୋକ-୮
ଭକ୍ତଦୁଃଖ ହରୀ ରିପୁବିମର୍ଦ୍ଦିନୀ ପ୍ରତ୍ୟକ୍ଷ ବ୍ରଜେଶ୍ୱରୀ
କଳା ନଗହରୀ ଘ ଘି ଧରୀ ଦୀନା ସର୍ବୋଦ୍ଧରୀ
ଭକ୍ତାନନ୍ଦକରୀ ସ୍ନାନ୍ନସୁବିତରୀ ଧର୍ମାର୍ଥ ଶ୍ରଦ୍ଧାକରୀ
ତ୍ରାହି ମାଂ କୋଶଳେ ସଦା ସୁଖକରୀ ଶ୍ରୀ ସମଲାଖ୍ୟେଶ୍ୱରୀ ।

ଅନୁବାଦ- ହେ ଦେବୀ ! ଭକ୍ତ ଦୁଖହାରିଣୀ ଶତ୍ରୁ ସଂହାରିଣୀ ପ୍ରତ୍ୟକ୍ଷରେ ବ୍ରଜେଶ୍ୱରୀ ଅଟ । ହେ ଦେବୀ ! ଆପଣ ଘ ଘି ଧାରଣ କରି କଳାପାହାଡ଼ ଯବନକୁ ସଂହାର କରି, ଦୀନ ଜନ ଭକ୍ତଙ୍କୁ ଦୁଃଖରୁ ଉଦ୍ଧାର କରିଥିଲ । ହେ ଧର୍ମ ଅର୍ଥ ଶ୍ରଦ୍ଧାକାରିଣୀ ତୁମେ କୋଶଳରେ ସୁ ଅନ୍ନ ଉତ୍ପନ୍ନ କରି ପ୍ରଜାଙ୍କ ଆନନ୍ଦ ବର୍ଦ୍ଧନ କରିଥାଅ । ହେ କୋଶଳର ଆନନ୍ଦକାରିଣୀ ସୁଖ ପ୍ରଦାୟିନୀ ସମଲେଶ୍ୱରୀ ନାମକ ଦେବୀ ମୋତେ ରକ୍ଷା କରନ୍ତୁ ।

-୦-

ସୂଚୀପତ୍ର

୧.	ପ୍ରଥମ ସର୍ଗ	୧୩
୨.	ଦ୍ୱିତୀୟ ସର୍ଗ	୨୨
୩.	ତୃତୀୟ ସର୍ଗ	୨୬
୪.	ଚତୁର୍ଥ ସର୍ଗ	୩୧
୫.	ପ ମ ସର୍ଗ	୩୯
୬.	ଷଷ୍ଠ ସର୍ଗ	୪୨
୭.	ସପ୍ତମ ସର୍ଗ	୪୭
୮.	ଅଷ୍ଟମ ସର୍ଗ	୫୧

-୦-

ପ୍ରଥମ ସର୍ଗ

(ଭାରତର ସ୍ୱାଧୀନ ଚେତା କ୍ରାନ୍ତିକାରୀଗଣ)

ଜୟ ତୁ ଭାରତ ଧନ୍ୟ ତୋ ମହତ
ଧନ୍ୟ ତୋର ବୀର ସୁତ,
ଧନ୍ୟ ଏହି ଭୂମି ଧନ୍ୟ ଗୋ ଜନନୀ
ଧନ୍ୟ ତୁ ପବିତ୍ରା ପୁତ ।୧।
ଉ ।ନ ପତନେ ଯୁଗେ ଯୁଗେ ଧର୍ମେ
ପ୍ରତିଷ୍ଠିତ ତୋ ଶରୀର,
ଯେତେ ବାଧାବିଘ୍ନ ଶତ୍ରୁ ଆକ୍ରମଣ
ରହିଛୁ ଅକ୍ଷ ଅମର ।୨।
ଯେତେବେଳେ ଗ୍ଳାନି ମୁଖତୋର ମ୍ଳାନି
ହୋଇଥାଏ ଗୋ ଜନନୀ
ସେତେବେଳେ ନାମୀ ସନ୍ତାନ ଜନମି
ଦୂର କରନ୍ତି ତୋ ଗ୍ଳାନି ।୩।
ସତ୍ୟ ଯୁଗେ ମସ୍ୟ ବରାହ ନୃସିଂହ
ତ୍ରେତୟା ଯୁଗେ ଶ୍ରୀରାମ
ଦ୍ୱାପର ଯୁଗରେ କୃଷ୍ଣ ବଳରାମ
କଳିଯୁଗେ ବୀରଗଣ ।୪।
ସତ୍ୟ ସନାତନ ଧର୍ମର ହନନ
କରୁଥିଲେ ଯେଉଁ ଜନ
ଜାତ ହ୍ୱନ୍ତି ଜ୍ଞାନୀ ଶଙ୍କର ଗୋସ୍ୱାମୀ
ବିବେକାନନ୍ଦ ଚୈତନ୍ୟ ।୫।

ରଖିଗଲେ ତୋର ଶାନ୍ତି ପ୍ରେମଧାର
ସତ୍ୟ ସନାତନ ଧର୍ମ
ହେଲା ପ୍ରତିଷ୍ଠିତ ଜ୍ଞାନର ଆଲୋକ
ବେଦ ବେଦାନ୍ତ ଦର୍ଶନ ।୬।
ଯେତେବେଳେ ପର- ଦେଶୀ ଘର ବେଶ
କରିଲେ ତୋର ଶରୀରେ,
ଶିବାଜୀ ଶଙ୍କର ସ୍ୱାମୀ ଦୟାନନ୍ଦ
ଜନମିଥିଲେ ମହୀରେ ।୭।
ଶ୍ରୀ ବିବେକାନନ୍ଦ ଯୋଗୀ ଅରବିନ୍ଦ
ଆବର ଅନ୍ୟେ ଯେତେକ
ସେ ସିଂହ ଭକତ ଦେଲେ ନିଜ ରକ୍ତ
ମହାତ୍ମାଗାନ୍ଧୀ ତିଳକ ।୮।
ସର୍ଦ୍ଦାର ବଲ୍ଲଭ ମୀରା ଲକ୍ଷ୍ମୀ ଚାନ୍ଦ
ନାରୀ ନେତ୍ରୀ ଯେ ଅନେକ
ମଧୁ ଗୋପବନ୍ଧୁ ବୀର କୃପାସିନ୍ଧୁ
ମହାନ ଦେଶ ସେବକ ।୯।
ଜବାହାରଲାଲ ଲାଲ ବାହାଦୁର
ଅଟଳ ବିହାରୀ ଜ୍ଞାନୀ
ଯୋଗୀ ମୋଦୀ ଶାହା ରାଜନାଥ ସିଂହ
ଲାଲକୃଷ୍ଣ ଆଡଭାନି ।୧୦।
ତୋର ରକ୍ଷା ପାଇଁ ଆଳସ୍ୟ ନ ହୋଇ
ଏତେ ମହା ମହା ଯଶା
ତୋ ହୃତ ଗୌରବ ଫେରାଇ ବୈଭବ
ଜଗତେ ରଖି ଶିରସା ।୧୧।

ଇଂରେଜ ମୋଗଲ ପାର୍ସୀ ପର୍ତ୍ତୁଗାଲ
ଯେତେ ଯେତେ ପରଦେଶୀ
ତୋ ଶରୀରେ ପଶି ଦେହକୁ ତୋ ଗ୍ରାସୀ
ଲୁଟିନେଲେ ଧନ ରାଶି ।୧୨।
ସୁନାର ଭାରତ ଟୁନେ ପରିଣତ
ଜରାଜୀର୍ଣ୍ଣ କରିଥିଲେ
ତୋ ବିରୂପ ଦେଖି ହୋଇ ମହା ଦୁଃଖି
ବୀରଗଣେ ଜନ୍ମିଥିଲେ ।୧୩।
ଶିବାଜୀ ଶଙ୍କର ସ୍ୱାମୀ ଦୟାନନ୍ଦ
ଶ୍ରୀଚୈତନ୍ୟ ନିତ୍ୟାନନ୍ଦ
ସୁବାଷ ମଙ୍ଗଳ ସୁରେନ୍ଦ୍ର ଛବିଳ
ମାଧୋସିଂହ ଆଦି କନ୍ଦ ।୧୪।
ବଳଭଦ୍ର ସିଂହ ଗଜରାଜ ସିଂହ
ସଭରକର ଜୟିରାଜ
ମୁରଲୀ ମୋହନ ଶ୍ରୀ ମୀନ କେତନ
ବଳଦେବ କୃଷ୍ଣରାଜ ।୧୫।
ଖଗେଶ୍ୱର ସିଂହ ନିଲାମ୍ବର ସିଂହ
ମୃତ୍ୟୁଞ୍ଜୟ ମାର୍କଣ୍ଡେୟ
ମନୋହର ସିଂହ ଶ୍ରୀ ଗୋବିନ୍ଦ ସିଂହ
ଐରୀ ବୈରୀ ଧନଞ୍ଜୟ ।୧୬।
ହଟେ ସିଂହ ବୀର ଫତେ ସିଂହ ବୀର
ପିତାମ୍ବର ସେ ଦିଆଳ
ଛବିଳ ଉଦନ୍ତ କେତେ ବୁଦ୍ଧିମନ୍ତ
ଜନ୍ମିଥିଲେ ସେହିକାଳ ।୧୭।

ଗଣେଶ ମୋହନ ସାହା ଭଗବାନ
ଦୁର୍ଯ୍ୟୋଧନ ନିରିମଳ
ଚନ୍ଦନ ଅନନ୍ତ ବୀର ଅରକ୍ଷିତ
ଅଞ୍ଜାରୀ ଧନ ସିଂ ବଳ ।୧୮।
କର୍ଣ୍ଣ ବଳଭଦ୍ର ଭଦ୍ର ରାମଚନ୍ଦ୍ର
ଲୋକନାଥ ଲାଲ ସାହା
ଲୋକନାଥ ପଣ୍ଡା ଉଡାଇଲେ ଧଣ୍ଡା
ସେ ଶାଳୀଗ୍ରାମ ବରିହା ।୧୯।
ସେ କରୁଣାକର ରେଣ୍ଡୋମାଝୀ ବୀର
ଘେଁସର ପିଠ ବାବିରୀ
ଜନାର୍ଦ୍ଦନ ସିଂହ ଦୁର୍ଯ୍ୟୋଧନ ସିଂହ
ଚୌହାନ କୁଞ୍ଜବିହାରୀ ।୨୦।
ରେଙ୍ଗାଲି ଗ୍ରାମର ଗୌନ୍ତିଆ ବାରିକ
ତେରମ୍ଭାର ଗୋପିନାଥ (ଛିନୁ)
ଅଏଁଲାପାଲିର ରତନ ଗୌନ୍ତିଆ
ବିଜାପାଲି ରଘୁନାଥ ।୨୧।
କୁସୁର୍ଡା ଗ୍ରାମର ବୀର ରତ୍ନାକର
ମହାମଲ୍ଲିକ ମାଧବ
କେନବାହାଲର ଗୋବିନ୍ଦ ଚୌହାନ
ଟୁଙ୍ଗିବନ୍ଧଲି ବଲ୍ଲଭ ।୨୨। (ନୀଳାମ୍ବର)
ଧନ ଅଶ୍ୱ ଦେଇ ଗ୍ରାମ ଯୁବ ନେଇ
ବିପ୍ଲବେ ଦିଅନ୍ତି ବଳ
ତାଣ୍ଡୋଳ ଗୌନ୍ତିଆ ଲାଲ ସାହା ବୀର
ସୈନିକର ସେ ସମ୍ବଳ ।୨୩।

ସୁରେନ୍ଦ୍ର ଛବିଳ　　　　　ଉଦନ୍ତ ଉଜ୍ୱଳ
କରୁଣାକର ଗୋବିନ୍ଦ
ସୁକୁରୁ ମହାନ୍ତି　　　　　ଦାସ ଭାଗୀରଥି
ଚିନ୍ତାମଣି ଦେବାନନ୍ଦ ।୨୪।
ବିଜୁ ଦଫାଦାର　　　　　ସେ ମିଟୁ କୁଅଁର
ଶ୍ରୀଗଣେଶ ଉପାଧ୍ୟାୟ
ମେଦିନୀ ସେ ଧ୍ରୁବ　　　　　ମନୋହର ଶିବ
ଶ୍ରୀ ପୁରୁଷୋ ଉପାଧ୍ୟାୟ ।୨୫।
ଦ୍ୱୈପାୟନ ଗୁପ୍ତ　　　　　ଶ୍ରୀ ଅର୍ଜୁନ ଗୁପ୍ତ
ବାଞ୍ଛାନିଧି ଶ୍ରୀ ମହେନ୍ଦ୍ର
କମଳ ଲୋଚନ　　　　　ଅରକ୍ଷିତ ଲକ୍ଷ୍ମଣ
ଦେବକୃଷ୍ଣ ରାମଚନ୍ଦ୍ର ।୨୬।
ଅବଧୁତ ରାମ　　　　　ବୀର ସାଳେଗ୍ରାମ
ଶ୍ରୀ ଶ୍ରଦ୍ଧାକର ମଲ୍ଲିକ
ଅଜିତ କଂଗାଲୁ　　　　　କହ୍ନେୟା କୃପାଳୁ
ମାଧବ ମହା ମଲ୍ଲିକ ।୨୭।
କାନକଟା କର୍ଣ୍ଣ　　　　　ବୀର ଦୁର୍ଯ୍ୟୋଧନ
ଗଜାଧର ଗଣପତି
ଗୋପାଳ ଧରୁଆ　　　　　ଚନ୍ଦନ ଗଡ଼ତିଆ
ରଘୁନାଥ ସେନାପତି ।୨୮।
ନୀଳାମ୍ବର ସିଂହ　　　　　ନାରାୟଣ ସିଂହ
ପାଟକୁଣ୍ଡା ପିତାମ୍ବର
ପ୍ରସାଦି ଫତେସିଂ　　　　　ପୂର୍ଣ୍ଣିମା ହଟେ ସିଂ
ଘାସିରାମ ଭାଲୁପଦର ।୨୯।

ବାସୁଦେବ ସିଂହ ଲୋକନାଥ ସିଂହ
ବୁଟି ବାଗ ମୃତ୍ୟୁଞ୍ଜୟ
ମେଦିନୀ ବେହେରା ଶ୍ରୀବାକ ଭଏଁରା
ଜୁନାଗଡ଼ ଭୀମସାୟ ।୩୦।
ସର୍ଦ୍ଦାର ସଂଗ୍ରାମ ରେଣ୍ଡୋ ଘାସୀରାମ
ସତ୍ୟାନନ୍ଦ ସଦାଶିବ
ଏ ସମସ୍ତ ବୀର ଭାରତ ବର୍ଷର
ରଖିଛନ୍ତି ଏ ଗୌରବ ।୩୧।
ଦେଶ ମାତୃକାର ସ୍ୱାଧୀନ ବିଚାର
ଜାତ ହୃଦେ ଯାହାଙ୍କର
ଏମାନଙ୍କୁ ଯେହୁ ନ ଦିଏ ସମ୍ମାନ
କୃତଘ୍ନ ଅଟେ ଦେଶର ।୩୨।

-୦-

ବିଶେଷ ଦ୍ରଷ୍ଟବ୍ୟ-

ଲକ୍ଷ୍ମଣପୁର ଜମିଦାର- ଗଜରାଜ ସିଂ, ନିଲାମ୍ବର ସିଂ, କମଳ ସିଂ

ରାଜପୁର ବନ୍ଧାର- ଖଗେଶ୍ୱର ସିଂ, ମୁରଲୀ ମୋହନ ସିଂ, ମୀନକେତନ

ଘେଁସ ଜମିଦାର- ମାଧୋସିଂ ପୁତ୍ର- ହଟେ ସିଂ, କୁଞ୍ଜଳ ସିଂ, ଐରୀ ସିଂ, ବୈରୀ ସିଂ, ଜ୍ୱାଇଁ- ନାରାୟଣ ସିଂ ।

ଝିଅ ନାତି- ଗୋବିନ୍ଦ ସିଂ

ଭେଡେନ ଜମିଦାର- ମନୋହର ସିଂ

ପାହାଡ଼ ଶ୍ରୀଗିଡ଼ା- ଜନାର୍ଦ୍ଦନ ସିଂ, ଭାଇ-ଖଗେଶ୍ୱର ଓ ଫତେ ସିଂହ

ଖରସଲ ଜମିଦାର- ଦିଆଲ ସିଂହ

ଖରମୁଣ୍ଡାର ଜମିଦାର- ମାର୍କଣ୍ଡେୟ ବରିହା

ପାଟକୁଣ୍ଡାର- ପିତାମ୍ବର ସିଂହ

କରୋଣ୍ଡଳା ଗୌନ୍ତିଆ- ଅରକ୍ଷିତ

ମୁଣ୍ଡୋମହୁଲ ଜମିଦାର- ଅନନ୍ତ

ଲୋଇସିଂହା ଜମିଦାର- ଚନ୍ଦନ ଗଡତିଆ

କୋତାବଗା- ଅଞ୍ଜରୀ ସିଂ

ମଚିଦାର- ଧନସିଂ

କୋଲାବୀରା- କର୍ଣ୍ଣ ଗଡ଼ତିଆ

ଚନ୍ଦ୍ରପୁର (ପଦ୍ମପୁର)- ଭଳଭଦ୍ର ବାଓ

ପଡ୍ରାପାଲି- (ରାମପୁର) ରାମଚନ୍ଦ୍ର ଗୌନ୍ତିଆ

ବରଗାଁର - ମୃତ୍ୟୁଞ୍ଜୟ ପାଣିଗ୍ରାହୀ

ଅତାବିରା - କୁମାର ଗୌନ୍ତିଆ

କୁମାରବନ୍ଦର- ଲୋକନାଥ ପଣ୍ଡା

ତାଣ୍ଡୋଲ ଗୌନ୍ତିଆ- ଲାଲ ସାହା

ଲଇଡା - ଜୟ ସିଂ

ସିଂହ ବଗାର- ଗଣେଶ ଉପାଧ୍ୟାୟ
ସୋହେଲା- ମୋହନ ସିଂ ଓ ଶାଳୀଗ୍ରାମ ବରିହା
ଘେଁସର - ପିଠା ବାବରୀ
ବାଲିପଟା- ସତ୍ୟାନନ୍ଦ
ଖଡିଆଳର ଜମିଦାର- କୃଷ୍ଣଚନ୍ଦ୍ର ଦେବ
କରୁଣାକର, ବୀର୍ସା ମୁଣ୍ଡା ଜନାର୍ଦ୍ଦନ ସିଂ ।
ରେଣ୍ଡୋ ମାଝୀ, ଲୋକନାଥ ଗଡ଼ତିଆ
ରାମପୁର- ଦୁର୍ଯ୍ୟୋଧନ ସିଂ
ସୋହେଲା- ଅର୍ଏଁଲାପାଲି ଗୌନ୍ତିଆ - ରତନ ସେନାପତି
ବିଜାପାଲି ଗୌନ୍ତିଆ- ବଳରାମ ଦଳପତ ଓ ରଘୁନାଥ ଦଳପତ ।
ରେଙ୍ଗାଲି ଗୌନ୍ତିଆ- ଧନଞ୍ଜୟ ବାରିକ
ବାଟ ତେରମା ଗୌନ୍ତିଆ- ଗୋପିନାଥ (ଛିନୁ)
ଜାମପାଲି ଗୌନ୍ତିଆ- ରାମଚନ୍ଦ୍ର ମହାମଲ୍ଲିକ
ଚନ୍ଦ୍ରଶେଖର ମହାମଲ୍ଲିକ ଶଙ୍କର ମିତ୍ରଭାନୁ ।
ଚୁହାନପାଲି- ଗୌନ୍ତିଆ ଶିବାଜୀ ଚୌହାନ
କେନବାହାଲ- ଗୌନ୍ତିଆ- ଗୋବିନ୍ଦ ଚୌହାନ
ଟୁଙ୍ଗିବନ୍ଧଲି- ଗୌନ୍ତିଆ - ନୀଳାମ୍ବର, ନରୋ ମ
କୁର୍ସୁଡା- ଗୌନ୍ତିଆ- ରତ୍ନାକର ଓ ମାଧବ ମହାମଲ୍ଲିକ
ଚିଚିଣ୍ଡା- ଗଉନ୍ତିଆ- ଦେବାନନ୍ଦ ଦିଶ୍ରୀ ଭଗବାନ
ଖିଣ୍ଡା ଜମିଦାର- ଧରମ ସିଂହଙ୍କ ପୁତ୍ର ଗଣ- ସୁରେନ୍ଦ୍ର ସାଏ, ଛବିଳ ଉଦନ୍ତ, ମେଦିନି ଧ୍ରୁବ ।
କୋତାବଗା- କରୁଣାକର ନାୟକ
ପତ୍ରାପାଲି- ଭାଗୀରଥି ଦାସ, ଗୋବିନ୍ଦ ସିଂ, ସୁକ୍ରୁ ମହାନ୍ତି, ଡମ୍ବରୁ କନ୍ଧ, ମୋହନ ବିଶ୍ୱାଳ, ବିଜୁ ଦଫାଦାର ।
ଲୋଇସିଂହା- ଅର୍ଜୁନ ସିଂ, ଅନିରୁଦ୍ଧ, ଗୁଡିଆ

କୋଲାବୀରା- କଂଗାଲୁ କହ୍ନେଇ, କର୍ଣ୍ଣ, କାନକଟା ଗଡ଼ତିଆ
ସିଂହାବଗା- ଗଜାଧର ପୁରୁଷୋ ମ ଉପାଧ୍ୟାୟ ଗଣେଶ ଉପାଧ୍ୟାୟ
ବଳକୀ- ଗୋପାଳ ଧରୁଆ
ଖରସଲ- ଗଣପତି ସିଂ
ଲୋଇସିଂହା- ଚନ୍ଦନ ସିଂ, ଚନ୍ଦ୍ର ଡମ୍ବରୁ କନ୍ଧ
ବାମଣ୍ଡା- ଚନ୍ଦ୍ର ବେହେରା
ରାମପୁର- ଦୁର୍ଯ୍ୟୋଧନ ସିଂ
ଖୋରାସାନ୍- ନୀଳାମ୍ବର ନାରାୟଣ ସିଂ ନରସିଂ
ପାଟପୁଣ୍ଡା- ପିତାମ୍ବର
ସିଂହାବଗା- ପ୍ରସାଦି ପୁରୁଷୋ ମ
କତାବଗା- ଫତେ ସିଂ, ପୂର୍ଣ୍ଣିମା, ହଟେସିଂ ।
ଝାରସୁଗୁଡା- ଗୋବିନ୍ଦ ସିଂ
ଖଡିଆଲ - ଲୋକନାଥ
ସାରସମାଲ- ବାସୁଦେବ ସିଂ ବୁଝିବାଗ
ବରଗାଁ- ମୃତ୍ୟୁଞ୍ଜୟ ପାଣିଗ୍ରାହୀ
ଖରମୁଣ୍ଡା - ମେଦିନୀ ବେହେରା
ରଂପେଲା- ଲୋକନାଥ ଗଡତିଆ
ତେଲେନପାଲି- ସତ୍ୟାନନ୍ଦ ସଦାଶିବ
ସରଙ୍ଗଗଡ- ସଂଗ୍ରାମ ସିଂହ
ଲଜପୁର- ବାବା ମିଟୁ କୁଅଁର
ରାମପୁର - ସର୍ଦ୍ଦାର ସିଂ
ଭାଲୁ ପତ୍ରାପାଲି- ଘାସିରାମ ମାଝୀ
କୁରୁଡାପାଲି- ବାକୁ ଭଏଁରା
କଳାହାଣ୍ଡି- ରେଣ୍ଡୋ ମାଝି
ଜୁନାଗଡ- ଭୀମରାଓ

-୦-

<u>ଦ୍ୱିତୀୟ ସର୍ଗ</u>

(ଘେଁସ ଜମିଦାର ନିକଟକୁ ଇଂରେଜ ନବାବଙ୍କ ଦୂତ ହସ୍ତେ
ଚିଟାଉ ପ୍ରେରଣ, ମାଧୋଙ୍କ ପ୍ରତ୍ୟୁ ର)

ଘେଁସ ଜମିଦାର   ମାଧୋସିଂହ ବୀର
ରାଜକାର୍ଯ୍ୟେ ଥିଲେ ବ୍ୟସ୍ତ
ଏମନ୍ତ ସମୟ   ନବାବ ଇଂରେଜ
ଦୂତଟିଏ କଲା ନ୍ୟସ୍ତ ।୧।
ଦ୍ରୁତ ବେଗେ ଦୂତ   ହୋଇଣ ଉସତ
ଘେଁସ ଦରବାରେ ପସି
ହାତକୁ ଲମ୍ବାଇ   ଚିଟାଉ ଧରାଇ
ମାଧୋଙ୍କ ସନ୍ନିଧି ବସି ।୨।
ବୋଲେ ଜମିଦାର   ଘେନ ସମାଚାର
ପେସିଛି ଗୋରା ସର୍କାର
ପଢ଼ି ଏ ଚିଟାଉ   ଦିଅ ମହାବାହୁ
ଧରିଯିବି ମତାନ୍ତର ।୩।
ପଢ଼ିଲେ ଚିଟାଉ   ମାଧୋ ମହାବାହୁ
ମନେ ଗୁଣୁଗୁଣୁ କରି
ଭାବି ଅଛି ଗୋରା   ଲେଖି ଆଗତୁରା
ସହଜ ଏ ଜମିଦାରୀ ।୪।
ଘେନ ଜମିଦାର   ମାଧୋ ସିଂହ ବୀର
ମହତ୍ୱ ଏ ଚିଠି କଥା
ବିଳମ୍ବ ନ କରି   ଦୂତ ହାତେ ପ୍ରେରୀ
ତୁମର ସମ୍ମତି ବା ର୍ ।୫।

ଲେଖିଛି ନବାବ　　　ଦେଇଛି ଜବାବ
ମୁଁ ଇଂରେଜ ସରକାର
ନକର ଉକର　　　ଦିଅ ତୁ ଉ ର
ନହେଲେ ଯିବ ପାୱାର ।୬।
ଥିଲୁ ଯେତେଦିନ　　　ରାଜ୍ୟେ ତୁ ସ୍ୱାଧୀନ
ଆଜିଠୁ ଆମ ଅଧୀନ
ଅଦ୍ୟ ଦିବସରୁ　　　ତୋ ନୀତିନିୟମ
ଜମିଦାରୀ ସମାପନ ।୭।
ସର୍କାର ନିୟମ　　　ନ ମାନିବ ଯଦି
ଛାଡ଼ ତୁମ ଜମିଦାରୀ
ନ ଚଳିବ ଆଉ　　　ମାଫିଆ ରାଜୁତି
କଥାହୁଏ ଯଦି ଭାରି ।୮।
ଘେଁସ ଜମିଦାରୀ　　　ନୁହଇ ତୁମରି
ବାପ ଅଜା ସୃଷ୍ଟିକାରୀ
ପ୍ରକୃତି ପ୍ରଦ　　　ଜମିବାଡ଼ି କ୍ଷେତ
ସରକାର ଅଧିକାରୀ ।୯।
ଏ ସାରା ଜଗତ　　　ଇଂରେଜ ଆୟ
ନ ଜାଣିଛ ଯଦି ଜାଣ
ଆଜିଠାରୁ ଏହି　　　ମାଫିଆ ପଣିଆଁ
ଛାଡ଼ ତୁମ ପିଲାପଣ ।୧୦।
ତୁମ ଭଲ ପାଇଁ　　　କଥାଏ କହୁଛି
ମାନି ଯା ମୋର ବଚନ
ଦ୍ୱିଶତ ଷାଠିଏ　　　ପା ଟଙ୍କା ତୁମେ
ସର୍କାରେ କର ଅର୍ପଣ ।୧୧।

ଜମି କର ମୂଲ୍ୟ ପ୍ରତିବର୍ଷ ଧାର୍ଯ୍ୟ
ରହିବ ତୁମ ରାଜ୍ୟର
ଯଦି ନ ପାରିବ ଦେଇ କର ରାଜ୍ୟ
ରାଜ୍ୟରୁ ହେବ ଅନ୍ତର ।୧୨।
ସର୍କାର ବଚନ ଯେହୁ ଅବମାନ
କରିବ ହଠ ପଣରେ
ଉଚ୍ଛେଦ ହୋଇବ ଜମିଦାରୀ ତବ
ଚାଲିଯିବ ହସ୍ତାନ୍ତରେ ।୧୩।
ଚିଟାଉ ପଢ଼ିଣ ସେ ମାଧୋ ପ୍ରବୀଣ
କ୍ରୋଧେ ଜର୍ଜରିତ ହୋଇ
ଛାଡ଼ି ସିଂହ ରଡ଼ି ହସ୍ତେ ନିଶ ମୋଡ଼ି
ଅଟ୍ଟହାସ୍ୟ ବାକ୍ୟ କହି ।୧୪।
କଂପନ ଅଧରେ ଜାଣି ନାହିଁ କିରେ
ବିଲାତି କୁକୁର ମକ୍ଷି
କେଉଁ ବିଲାତରୁ ଆସି ତୁହିଁ ଭୀରୁ
ଦେଖାଉ ଲୋହିତ ଆଖି ।୧୫।
କିଏ ମାଧୋସିଂହ କିଏ ହଟେ ସିଂହ
କିଏ ବାର ବେ କାର
ତୁ ଛାର କୁକୁର ବିଦେଶୀ ପାମର
ଭୟ ଦେଖାଉ ମୋଠାର ।୧୬।
ଯା ପୂର୍ବପୁରୁଷେ ରଣକରି ରୋଷେ
ଯବନ ତଡ଼ି ଉତ୍କଳେ
ସେ ରକ୍ତରେ ଜାତ ବାପଦାଦି ଭ୍ରାତ
ଜାଣିବୁ ତୋ ପ୍ରାଣ ଗଲେ ।୧୭।

ତେତିଶ ପୁରୁଷ ଯେଉଁ ରାଜବଂଶ
ଭୋଗ୍ୟା ଯେଉଁ ବସୁନ୍ଧରା
କେଉଁଠାରୁ ଆସି ଭାରତକୁ ପସି
ମୋଠାରେ ହେଉ ମୁଖରା ।୧୮।
ନ ଜାଣି ନ ବୁଝି ମୋର ସଙ୍ଗେ ଯୁଝି
ନ ହୁଅ ତୁ ଅପଦସ୍ତ
ଦେବି ଯେବେ ଧାପ ରଖିବ କେ ବାପ
ଚାଲିଯିବ ତୋର ପଦ ।୧୯।
ହଇରେ ଦୁର୍ମତି କିଏ ତୋର କତି
ଏମନ୍ତ ଦୁର୍ବୁଦ୍ଧି ଦେଲା
ନ ଖୋଲ ତୁ ଗାତ ସର୍ପ ଶିରେ ଲାତ
ବୁଡ଼ିଯିବ ତୋର ଭେଲା ।୨୦।
ଦେଖ ଏହି ଶର ଧାମେନ ଗଛର
ଧନୁ କୋଦଣ୍ଡ ଟାଙ୍ଗିଆ
ବରଛା ତାବଲ କୁରାଢ଼ି ଶାବଳ
ଉଡ଼ିଯିବ ତୋର ହିଆ ।୨୧।
ନ ମାନିବୁ ଯଦି ରଣକର ଯୁଝି
ଏହି ଶରେ ଯିବୁ ନାଶ
ପ୍ରାଣ ଇଛ ଯେବେ ପଛ ଘୁ । ତେବେ
ସଂସାରେ କରତୁ ବାସ ।୨୨।
ଏମନ୍ତ ଉ ର ଦେଇ ମାଧୋ ବୀର
ଦୂତକୁ କଲେ ବିଦାୟ
ଇଂରେଜ ସେନାର ସାମ୍ନା କରିବାର
ରହିଲା ତାଙ୍କର ଲୟ ।୨୩।

-୦-

ତୃତୀୟ ସର୍ଗ

(ସିପାହୀ ବିଦ୍ରୋହରେ ସୁରେନ୍ଦ୍ରଙ୍କ କାରାଗାର ମୋଚନ ଓ ମାଧୋ ସିଂହଙ୍କ ଦ୍ୱାରା ସ୍ୱାଗତ । ସମ୍ବଲପୁର ଜୁହ୍ନାକିଲ୍ଲା ଅଧିକାର ।)

ସାଲ ଅଷ୍ଟାଦଶ ଶତାବନ ବର୍ଷ
ଉନତ୍ରିଂଶ ସେ ତାରିଖ
ବାରକ ପୁରର ତା ରେଜିମେ ର
ମଙ୍ଗଳ ପାଣ୍ଡେ ନାମକ ।୧।
ସିପାହୀ ସଚୋଟ କରିଥିଲେ ନାଟ
ଏନଫିଲ ବନ୍ଧୁକର
ବ୍ୟବହାରକୁ ସେ ହାକିମକୁ ନାଶେ
ଗୁଳିକରି ବନ୍ଧୁକର ।୨।
ଏହି ଦୋଷାରୋପେ ମଙ୍ଗଳକୁ କୋପେ
ଫାଶୀଦେଲା ସରକାର
ଭାରତ ସିପାହୀ ନପାରିଲେ ସହି
ଏ ଆଦେଶ ଇଂରେଜର ।୩।
ଯୁଦ୍ଧଂ ଦେହି ଡାକ ଦେଇ ସୈନ୍ୟ ଲୋକ
କଂପାନୀ ବିପକ୍ଷେ ଯାଇ
ପାଳଗଦା ସ୍ପର୍ଶେ ଯଥାଗ୍ନି ସ୍ଫୁଲିଙ୍ଗ
ନିମିଷ କାଳେ ଦହଇ ।୪।
ବାରକ ପୁରରୁ ହୋଇଥିଲା ସୁରୁ
ବିଦ୍ରୋହ ବହ୍ନି ବ୍ୟାପକ
ଦିଲ୍ଲୀରୁ ପଲ୍ଲୀକୁ ପ୍ରତ୍ୟେକ ମନକୁ
ଆନ୍ଦୋଳିଲା ଅମାପକ ।୫।

ଏଥୁ ଅନନ୍ତରେ ହଜାରି ବାଗରେ
ଜେଲ ଭାଙ୍ଗିଲେ ବିଦ୍ରୋହୀ
ଏହାର ସୁଯୋଗେ ସୁରେନ୍ଦ୍ରାଦି ଭାଗ୍ୟେ
ଯୁଟିଲା ମୁକତି ତ୍ରାହୀ ।୬।
ସାଥିଗଣ ସାଥେ ଫେରୁଥିବା ପଥେ
ବାରତା ପାଇ ସେ ମାଧୋ
ଆଗତୁରା ଯାଇ ଫୁଲ ତୋଡା ନେଇ
ସ୍ୱାଗତ କଲେ ଅଗାଧ ।୭।
ଏଥୁ ଅନ୍ତେ ବୀର ସୁରେନ୍ଦ୍ର ସଙ୍ଗର
ଭାଇ ବନ୍ଧୁ ସହୋଦର
ଯେତେ ଗଉନ୍ତିଆ ରାଜ୍ୟର ମୁଖିଆ
ଅନେକେ ସପରିବାର ।୮।
କୋଶଳ ରାଜ୍ୟର କୋଣ ଅନୁକୋଣୁଁ
ସ୍ୱାଗତ ସାହାଯ୍ୟ ପାଇ
ବିପ୍ଳବର ପାଇଁ ଆସିଥିଲେ ଧାଇଁ
ଧନ ଜନମାନ ଦେଇ ।୯।
ସମ୍ବଲପୁରରେ ବ୍ରହ୍ମପୁରାଠାରେ
ଏକତ୍ରୀତେ ବୀରଗଣ
ଇଂରେଜ ଶାସନ ବିତାଡ଼ନ ପାଇଁ
ସର୍ବେ କରିଥିଲେ ପଣ ।୧୦।
ଲଖନପୁରର ବୀର ଜମିଦାର
ବଳଭଦ୍ର ଦେବ ସିଂହ
ପ୍ରଥମରେ ମିଶି ହୋଇଥିଲେ ଖୁସୀ
ଆଦ୍ୟେ ଖୋଲିଥିଲେ ନିହ ।୧୧।

ପୁତ୍ର ଥିଲେ ତିନି   ଗଜାନନ ଜ୍ଞାନୀ
ନିଳାମ୍ବର ଶ୍ରୀକମଳ
ବନ୍ଧା ଗଉନ୍ତିଆ   ଖଗେଶ୍ୱର ସିଂହ
ମୀନକେତନ ମୁରଲୀ ।୧୨।
ଘେଁସ ଜମିଦାର   ମାଧୋସିଂହ ବୀର
ପୁତ୍ର ଚାରି ହଟେ ସିଂହ
ଐରୀ ବୈରୀ ସିଂହ   ସେ କୁଞ୍ଜଲ ସିଂହ
ଜୋଇଁ ନାରାୟଣ ସିଂହ ।୧୩।
ନାରାୟଣ ପୁତ୍ର   ଶ୍ରୀ ଗୋବିନ୍ଦ ସିଂହ
ତାଙ୍କ ଭାର୍ଯ୍ୟା ସେ ପୂର୍ଣ୍ଣିମା
ଭେଡେନ ଗ୍ରାମର   ବୀର ଜମିଦାର
ମନୋହର କୃତକର୍ମା ।୧୪।
ପାହାଡ଼ ଶ୍ରୀଗିଡ଼ା   ଜମିଦାରୀ ଗଢ଼ା
ଜନାର୍ଦ୍ଦନ ଖଗେଶ୍ୱର
ଖର୍ସେଲ ଗ୍ରାମର   ଜମିଦାର ବୀର
ଶ୍ରୀ ଦିଆଳ ସରଦାର ।୧୫।
ଖରମୁଣ୍ଡା ଗ୍ରାମ   ସରଦାର ନାମ
ମାର୍କଣ୍ଡ ବରିହା ବୀର
ପାଟ କୁଲୁଣ୍ଡାର   ବୀର ଜମିଦାର
ନାମ ତାଙ୍କ ପିତାମ୍ବର ।୧୬।
କରୋଣ୍ଡା ଗ୍ରାମର   ଗଉନ୍ତିଆ ନାମ
ଅରକ୍ଷିତ ଧୁରନ୍ଧର
ମୁଣ୍ଡୋ ମହୁଲର   ବୀର ଜମିଦାର
ଅନନ୍ତ ସିଂହ କର୍ପୂର ।୧୭।

ଲୋଇସିଂହା ଗ୍ରାମ ଚନ୍ଦନ ଗଡ଼ତିଆ
କତା ବଗାର ଅଞ୍ଚାରୀ
ମଚିଦା ଗ୍ରାମର ଧନସିଂହ ବୀର
କୋଲାବିରା କର୍ଣ୍ଣଦ୍ୱାରୀ ।୧୮।
ଚନ୍ଦ୍ରପୁରା ଲ ଗ୍ରାମ ପଦ୍ମପୁର
ବଳଭଦ୍ର ରାଓ ବୀର
ରାମପୁରଠାର ପତ୍ରାପାଲି ଗାଁର
ଗୌନ୍ତିଆ ରାମଚନ୍ଦ୍ରର ।୧୯।
ବରଗାଁ ଗ୍ରାମର ପାଣିଗ୍ରାହୀ ବୀର
ମୃତ୍ୟୁଞ୍ଜୟ ଗଉନ୍ତିଆ
ରମ୍ଭେଲା ଗ୍ରାମର କୁମାର ବନ୍ଧର
ବୀର ଲୋକନାଥ ପଣ୍ଡା ।୨୦।
ତାଣ୍ଡୋଳ ଗ୍ରାମର ଲାଲସାହା ବୀର
ଉପସ୍ଥିତ ବୁଦ୍ଧିକାର
ଲଇଡା ଗ୍ରାମର ଜୟସିଂହ ବୀର
ଗଣେଶ ସିଂହା ବଗାର ।୨୧।
ସହେଲା ଗ୍ରାମର ମୋହନ ବାବରୀ
ଚିଚିଣ୍ଡା ଗ୍ରାମ ଦିଶିରୀ
ପେଟୁପାଲି ଗ୍ରାମ ନାମ ଅଭିରାମ
ଚୌହାନ ବୁଲୁ ଦୁଆରୀ ।୨୨।
କୁର୍ସୁଡା ଗ୍ରାମର ଗଉନ୍ତିଆ ବୀର
ରତ୍ନାକର ଓ ମାଧବ
ଟୁଙ୍ଗି ବନ୍ଧଲିର ଗୌନ୍ତିଆ ପ୍ରମାର
ନୀଳାମ୍ବର ଶ୍ରୀବଲ୍ଲଭ ।୨୩।

ଚୌହାନ ପାଲିର ଶିବାଜୀ ଶଙ୍କର
ଯୁଦ୍ଧରେ ସେ ଜିତଖୋର
ଜାମପାଲି ଗ୍ରାମ ସେ ମହାମଲ୍ଲିକ
ଦୁର୍ଯ୍ୟୋଧନ ରାମପୁର ।୨୪।
ବିଜାପାଲି ଗ୍ରାମ ଗୌନ୍ତିଆ ଶ୍ରୀ ରଘୁ
ବଳରାମ ଦଳପତ
ରେଙ୍ଗାଲି ଗ୍ରାମର ଗୌନ୍ତିଆ ବାରିକ
ଧନଞ୍ଜୟ ପୁଣ୍ୟବନ୍ତ ।୨୫।
ବାଟ ତେରମାର ଛିନୁ ଗଉନ୍ତିଆ
କେନାବାହଲ ଗୋବିନ୍ଦ
ଅଁଏଁଲାପାଲିର ଗୌନ୍ତିଆ ରତନ
ଦେଶପ୍ରେମରେ ଆନନ୍ଦ ।୨୬।
ମିଶି ଏ ସମସ୍ତ ହୋଇ ଏକତ୍ରିତ
ବ୍ରହ୍ମପୁରା ମନ୍ଦିରରେ
ଦୀପ ପ୍ରଜ୍ୱଳନ କର ଅର୍ଘ୍ୟଦାନ
ରାଜା କରିଲେ ସୁରେନ୍ଦ୍ରେ ।୨୭।
ହଜାର ହଜାର ବିଦ୍ରୋହୀ ବିପ୍ଳବୀ
ଏକାସଙ୍ଗେ ଗଲେ ମାଡ଼ି
ଜୁହ୍ନା କୀଲ୍ଲା ସେହି ଅଧିକାରେ ନେଇ
ଇଂରେଜ ଛାଡ଼ିଲେ ରଡ଼ି ।୨୮।

-୦-

ଚତୁର୍ଥ ସର୍ଗ

(ଇଂରେଜ ସରକାରଙ୍କ ହୃତକମ୍ପ ଅସଫଳ ହେତୁ ବିଦ୍ରୋହ ଦମନ
ପାଇଁ ଛଳନା, ବିଶ୍ୱାସ ଘାତକ ନିଯୁକ୍ତି ବିପ୍ଲବୀଙ୍କ ବିବିଧଗଡ଼ରେ
ଆଶ୍ରୟ ଓ ବିଭିନ୍ନ ଘାଟୀ ସୁରକ୍ଷାର ଦାୟିତ୍ୱ ନେବା ।)

ଏଥୁ ଅନନ୍ତରେ ଇଂରେଜ ଶାସକ
ବହୁ ଭୟଭୀତ ହୋଇ
ବହୁ ସୈନ୍ୟ ବିନା ବିପ୍ଲବୀ ଦମନ
ଅସମ୍ଭବକୁ ମଣଇ ।୧।
ବିପ୍ଲବୀଙ୍କ ମନ ତୋଷିବାକୁ କ୍ଷଣ
ହାକିମଙ୍କ ଅନୁମତି
ସୁରେନ୍ଦ୍ରଙ୍କୁ ରାଜ୍ୟେ କରିବାକୁ ରାଜା
ଟାଳିଲେ ବିପଦ ଅତି ।୨।
ବୁଝାମଣା ପାଇଁ ହାକିମ ଡକାଇ
ଛ କଡ଼ି ମହାପାତ୍ରକୁ
ସାକ୍ଷୀ ରଖି ତହିଁ ବିଶ୍ୱାସ ଜନ୍ମାଇ
ମନାସିଲେ ବିପ୍ଲବୀଙ୍କୁ ।୩।
ଅଧିକ ବିଶ୍ୱାସ ଜନ୍ମାଇବା ଆଶେ
କଲେ କ୍ରୀଡ଼ା ଆୟୋଜନ
ଏହି କ୍ରୀଡ଼ା ସ୍ଥଳେ ହଟେ ଓ କୁଞ୍ଜଲ
ପ୍ରତିଭା କଲେ ଦର୍ଶନ ।୪।
ଧନଲୋଭୀ ଯେହୁ ସ୍ୱାର୍ଥପର ସେହୁ
ପରସ୍ୱାର୍ଥେ କେବେ ଧ୍ୟାନ
ମଶାମାଛି କେବେ ପର ଉପକାରେ
ହୋଇବେ କି ପ୍ରୟୋଜନ ।୫।

କୁଟ କପଟରେ　　　　　　　　　ସଦା ଯାର ମତି
ସେ କାହୁଁ ପରେ ପ୍ରଶନ୍ନ
ପର ଧନମାନ　　　　　　　　　ଦେଖି ତା ଜୀବନ
ଲୋଭରେ ହୁଏ ଉଚ୍ଛନ୍ନ ।୬।
ପର ଉନ୍ନତିକୁ　　　　　　　　　ଦେଖି ଯାର ବୁକୁ
ପୋଡ଼ି ହୁଏ ହୁତାଶନ
ସେ କାହୁଁ ଭାବିବ　　　　　　　　　ଦେଶ ପ୍ରୀତି ଲବ
ଜାତି ଆତ୍ମୀୟ ସ୍ୱଜନ ।୭।
ମରିଯିବ ପଛେ　　　　　　　　　ଖାର ହେବ ପଛେ
ଆତ୍ମନୀଚ କର୍ମ ମାନେ
ନୀଚ ଲୋକ କେବେ　　　　　　　　　ପରଶ୍ରେଷ୍ଠ ଠାବେ
ନୋହିବ କଦା ପ୍ରସନ୍ନେ ।୮।
ସମୟ ଟାଳିଲା　　　　　　　　　ବିପଦ ଟାଳିଲା
ପ୍ରୀତି ପ୍ରେମ ହିତ ବାକ୍ୟେ
ଛଳ କପଟରେ　　　　　　　　　ବଳ ଗୋଟାଇଲା
ତୋପ ବନ୍ଧୁକ ସୈନିକେ ।୯।
ତୀକ୍ଷ୍ଣ ବୁଦ୍ଧି ଯାର　　　　　　　　　ବିପଦ ସାଗର
ପାରିହୁଏ ଅକ୍ଲେଶରେ
ମୋଟା ବୁଦ୍ଧି ଯାର　　　　　　　　　ପରଛଳେ ତାର
ନିମଜ୍ଜିତ ଦୁଃଖ ସରେ ।୧୦।
ଯେ ବିଚାରବନ୍ତ　　　　　　　　　ଶତ୍ରୁ ହୃଦ ଅନ୍ତ
ଜାଣିଥାଏ ପ୍ରତିକ୍ଷଣେ
ସେହୁ ସାଧୁଜନ　　　　　　　　　ଉ ମ ସଜ୍ଜନ
କେବେ ନୋହି ଭବେ ଲୀନ ।୧୧।

ଶାମ ଦାନ ଦଣ୍ଡ ଅରିଠାରେ ଭେଦ
ଯେହୁ କରଇ ପ୍ରୟୋଗ
ସେହୁ ସିନା ଭବେ ପ୍ରତିଷ୍ଠିତ ଦମ୍ଭେ
ଘଟାଏ ଉଦୟ ଭାଗ୍ୟ ।୧୨।

ଇଂରେଜଙ୍କ ମନ ଜାଣି ବୀରଗଣ
ଉପାୟ ପା୍ଲେ ମନେ
କେଉଁ ଉପାୟରେ ବିପଦ ସାଗରେ
ପାରିହେବେ ପ୍ରତିକ୍ଷଣେ ।୧୩।

ଭାବିଲେ ମନରେ ତୋପ ବନ୍ଧୁକରେ
ଧନୁ ବର୍ଚ୍ଛା ଖଣ୍ଡା ଶର
ଇଂରେଜର କୋପ ନୋହିବ ସମାପ୍ତ
ଦେଶୀ ଅସ୍ତ୍ର ପ୍ରୟୋଗର ।୧୪।

ଇଂରେଜ ସମ୍ମୁଖୁଁ ର୍ବାକୁ ଦୁଃଖୁଁ
ଗରିଲା ଯୁଦ୍ଧ ହିଁ ସାର
ପାହାଡ଼ ପର୍ବତ ଆଶ୍ରାକରି କ୍ଷେତ
ଧ୍ୟେୟ ରହିବ ଆମ୍ଭର ।୧୫।

ଏମନ୍ତ ବିଚାରି ବିପ୍ଳବୀ ଆଚରି
ଗରିଲା ଯୁଦ୍ଧକୁ ଆଶ୍ରା
ଏକ ମନ ପ୍ରାଣେ ରହି ଅନୁକ୍ଷଣେ
ଯୁଦ୍ଧକୁ ସ୍ପର୍ଦ୍ଧା ଡାକରା ।୧୬।

ଦୁର୍ଗମ ପାହାଡ଼ ଗିରି ଗୁମ୍ଫା ବାଡ଼
ନଦୀନାଳ ଖାଳ ଢିପେ
ବିପ୍ଳବୀଙ୍କ ପକ୍ଷେ ସୁଗମ ସୁରକ୍ଷେ
ର୍ବେ ଇଂରେଜ ତୋପେ ।୧୭।

ଏମନ୍ତ ବିଚାରି		ଯୁଦ୍ଧ ପ୍ରେମ ଧାରି
ଚଳିଲେ ବନ ପର୍ବତ
ଦୁର୍ଭେଦ ଅରଣ୍ୟ		ଗମିବାକୁ ସୈନ୍ୟ
ହୋଇଲେ ସେ ବର୍ହିଗତ ।୧୮।
ପଶିଲେ ଅରଣ୍ୟେ		ରହି ମହାବନେ
ବ୍ୟାଘ୍ର ମୃଗ ସର୍ପ ସଙ୍ଗ
ଆପଣା ଜୀବନ		ମୁର୍ଚ୍ଛି ମହାଜନ
ଦେଶ ହିତେ ତ୍ୟଜେ ଅଙ୍ଗ ।୧୯।
ନିବିଡ଼ ଅରଣ୍ୟ		ଗିରିଗୁମ୍ଫା ଗଣ
ପାହାଡ଼ ଶିଖର ଶୃଙ୍ଗ
ବଣ ଡେବ୍ରୀଗଡ଼		ବାର ବଖରାଡ
ଦ୍ୱାରୀ ଘାଟୀ ରଣରଙ୍ଗ ।୨୦।
ପାହାଡ଼ ଶ୍ରୀଗିଡ଼ା		ଝରଘାଟି ହୁଡ଼ା
ଘାଟି ମଉଲା ଭଣଜା
ସିଂଗୋଡା ପପଙ୍ଗା		ଘାଟି ମହାତୁଙ୍ଗା
ରଣଭୂମି ଥିଲା ମଜା ।୨୧।
ଉଚ୍ଚ ଗିରିଶୃଙ୍ଗ		ଆରୋହେ ଇଂରେଜ
ଅଭ୍ୟାସରେ ଥିଲେ ଅଜ୍ଞ
ଏଣୁ ସେ ବିପ୍ଳବୀ		ଦାରୁ ପଥରାଦି
ଶିଆଳି ଲତା ବାନ୍ଧିଣ ।୨୨।
ପର୍ବତ ଶିଖରୁ		ଛେଦନ ବନ୍ଧାରୁ
ଗଡ଼ିଯାଏ ମହୀତଳ
ଶତଶତ ଶତ୍ରୁ-		ସୈନ୍ୟ ପ୍ରାଣଶୂନ୍ୟ
ଚାପିଯାନ୍ତି ଏକା ବେଳ ।୨୩।

ଯୁଦ୍ଧ କେନ୍ଦର ଯେତେ ବନ୍ଧୁକ ଓ ତୋପେ
କମାଣ ଯୁଦ୍ଧାଭିଯାନ
ସେ ବିପ୍ଲବୀ ଗଣେ ତର୍କି ଆକ୍ରମଣେ
କରନ୍ତି କ୍ଷୟ ସାଧନ ।୨୪।
ଯେଉଁ ପରକାରେ ଆତ୍ମରକ୍ଷା ବୀରେ
ବର୍ତ୍ତିବେ ଇଂରେଜ ରଣେ
ସେହି ପରକାରେ କୌଶଳ ବୁଦ୍ଧିରେ
ରଚିଲେ ଦୁରୁଗ ଗଣେ ।୨୫।
ଅଳପ ସଂଖ୍ୟକ ସଂଗ୍ରାମୀ ସୈନିକ
ଇଂରେଜ ଶକ୍ତି ସେନାନୀ
ବହୁଦିନ ଧରି ରଣ କରି କରି
ନାକେ ପିଆଇଲେ ପାଣି ।୨୬।
ସେବାର ପାହାଡ଼ ମହା ଦେବ୍ରୀଗଡ଼
ଦୁର୍ଭେଦ ଅରଣ୍ୟ ଦୁର୍ଗ
ପର୍ବତ କୁଳର ଥିବା ଖଣ୍ଡ ଜୋର
ଜୀବନ ସୁରକ୍ଷା ମାର୍ଗ ।୨୭।
ଚାରି ଦିଗେ ତାର ପଥର ପ୍ରାଚୀର
ଗୁପ୍ତ ପଥ ରକ୍ଷା ପାଇଁ
ଶତ୍ରୁ ଆଗମନ ଜାଣିଲେ ସଇନ
ଆଗରୁ ପଳାନ୍ତି ଧାଇଁ ।୨୮।
ଥିଲା ସର୍ବୋତ୍କୃଷ୍ଟ ସେହି ଦେବ୍ରୀଗଡ଼
ସୁରେନ୍ଦ୍ରଙ୍କ ରକ୍ଷା ସ୍ଥଳ
ଅନ୍ୟ ଘାଟି ଯାଇ ଏକ ରାତ୍ରେ ସେହି
ଫେରି ଆସନ୍ତି ସକାଳ ।୨୯।

ଶୃଙ୍ଗ ତଳେ ଥିଲା ସେ ବାର ବଖରା
ଗିରିଗୁମ୍ଫା ଅତି ବଡ଼
ତୃଷା ନିବାରଣେ ପାନୀୟ ପ୍ରଦାନେ
ଖଣ୍ଡ ଜୋର ଅତିବଡ଼ ।୩୦।
ଲଖନପୁରର ବୀର ଜମିଦାର
ରଣସିଂହ ବଳଭଦ୍ର
ତାଙ୍କ ତିନିପୁତ୍ର କମଳ ଚତୁର
ଗଜରାଜ ନୀଳାମ୍ବର ।୩୧।
ଏମାନଙ୍କ ହସ୍ତେ ନ୍ୟସ୍ତ ଏହି ଗୁମ୍ଫା
ସୁରକ୍ଷା କବଚ ପରି
ସୁରେନ୍ଦ୍ରଙ୍କ ଏହି ରଣ ବାସସ୍ଥଳ
ଅଭୟ ପ୍ରଦାନକାରୀ ।୩୨।
ବାର ପାହାଡ଼ର ଅନ୍ୟ ଘାଟି ସାର
ଶ୍ରୀଗିଡ଼ା ନାମ ତାହାର
ଜନାର୍ଦ୍ଦନ ସିଂହ ବେନିଭାଇ ତାଙ୍କ
ଦାୟିତ୍ୱ ଥିଲା ଦୁର୍ଗର ।୩୩।
ଖଗେଶ୍ୱର ସିଂହ ନାମ ଫତେ ସିଂହ
ଅପାର ଯାର ବୀରତ୍ୱ
ବ୍ୟାଘ୍ର ସିଂହ ଦେଖି ବଳକୁ ପରଖି
ପଳାଇଯାନ୍ତି ତ୍ୱରିତ ।୩୪।
ଏହି ଅ ଳର ମୁଖ୍ୟ ସ୍ଥାନ ଯାର
ନାମ ରହିଛି ମନସା
ଏ ପଟନୀଗଡ଼ ମୋର୍ଚ୍ଚା ବନ୍ଧା ବଡ଼
ରାଣୀଗୁମ୍ଫା ରଜାବସା ।୩୫।

ସେ ଦୁଆନଡେରା ଅତି ମନୋହରା
ବାରପାହାଡ଼ ଜଗତେ
ସୁରେନ୍ଦ୍ର ସାଏଙ୍କ ମୁଖ୍ୟ ସ୍ଥାନ ଯାକ
ରହିଛି ବିପ୍ଳବୀ ହିତେ ।୩୬।
ପପଙ୍ଗା ପାହାଡ଼ ଅନ୍ୟ ଏକ ବଡ଼
ଘାଟିର ନାମଟି ଶୁଣ
ବଡ଼ଘାଟି ତାଜା ମଉଳା ଭଣଜା
ଝାରଘାଟିଟି ମହାନ ।୩୭।
ଏହି ଘାଟି ରକ୍ଷା ଦାୟିତ୍ୱ ସୁରକ୍ଷା
ଜମିଦାର ମନୋହର
ଇଂରେଜଙ୍କ ହୃଦ କରିଥିଲା ଦହ୍ୟ
ଯଥାଗ୍ନି ବୃକ୍ଷକୋଟର ।୩୮।
ଅନ୍ୟ ଏକ ଘାଟି ରହି ପରିପାଟି
ସିଂଘୋଡା ଘାଟି ଯା ନାମ
ଘେଁସ ଜମିଦାର ମାଧୋସିଂହ ବୀର
ଦାୟିତ୍ୱେ ଥିଲା ସମ୍ପୂର୍ଣ୍ଣ ।୩୯।
ତାଙ୍କ ପୁତ୍ରଗଣେ ମହାବୀର ପଣେ
ଅନେକ ଦିନ ପର୍ଯ୍ୟନ୍ତ
ଗୋରା ସରକାର ନୟନ ଅନ୍ତର
ନିଦ ବୁଦ୍ଧି ହୁଏ ଅନ୍ତ ।୪୦।
ମାଣିକଗଡ଼ ଓ ଜୁନାଗଡ଼ ଦୁର୍ଗ
ଯଥାକାଳେ ଉପଯୋଗ
ଆତ୍ମ ରକ୍ଷା ପାଇଁ ନିରିମିତ ତହିଁ
ଦୁଇଟି ପ୍ରକୃତି ଦୁର୍ଗ ।୪୧।

କେବଳ ଦୁରୁଗ ସୁରକ୍ଷାର ମାର୍ଗ
ନଥିଲା ତାଙ୍କ ସେ ମୂଳ
ଘର ଗୁଡ଼ିକର ନିର୍ମାଣ କୌଶଳ
ଶତ୍ରୁକୁ କରେ ଅଚଳ ।୪୨।
ବିପ୍ଲବୀଙ୍କ ଯୁଦ୍ଧ ଦେଖି ଗୋରା କ୍ରୋଧ
ବନଘେରା ଅନ୍ତରାଳେ
ଇଂରେଜ ସଇନ୍ୟ ପାଦ ନ ଚଳଇ
ଭୟେ ଜୀବନ ବିକଳେ ।୪୩।

-୦-

ପ ମ ସର୍ଗ

(ବିପ୍ଳବୀଙ୍କ ଅର୍ଥନୈତିକ ଅବରୋଧ)

ଇଂରେଜ ସମ୍ମୁଖ ଯୁଦ୍ଧେ ପରାଜିତ
ସୁନିଶ୍ଚିତ ମଣି ବୀରେ
ଏଣୁ ସେ ବିପ୍ଳବ ବିଭିନ୍ନ କୌଶଳ
ଅବଲମ୍ବନ ରଣରେ ।୧।
ତା ଅର୍ଥନୈତିକ ଅବରୋଧ ଲୋକ
ଅନ୍ୟତମ ଥିଲା ରଣେ
ଏହାକୁ ନିଶ୍ଚିତ କରିଥିଲେ ସେ ତ
ସଂଗ୍ରାମ ବିପ୍ଳବୀ ଗଣେ ।୨।
ସମଲପୁର ଓ ବରଗଡ ଦୁଇ
ଅ ଳକୁ ଚାରିଦିଗୁଁ
ପ୍ରବେଶର ପଥ କଲେ ଅବରୋଧ
ବ୍ରିଟିଶ ଅର୍ଥନୀତିକୁ ।୩।
ସୈନ୍ୟ ଓ ସାମନ୍ତ ଅସ୍ତ୍ରଶସ୍ତ୍ର ମୁକ୍ତି
ସାହାଯ୍ୟ ରୋକିବା ପାଇଁ
ଯୋଜନାର ଲକ୍ଷ ବିପ୍ଳବୀଙ୍କ ମୁଖ୍ୟ
ଅବରୋଧ ଏଥିପାଇଁ ।୪।
ନାଗପୁର ଠାରୁ ସମ୍ବଲପୁରକୁ
ରାଜପଥ ଅବରୋଧ
ସିଂଗୋଡା ଘାଟିରେ ଘେରାବନ୍ଦୀ କଲେ
ଘେଁସ ଜମିଦାର ମାଧୋ ।୫।

ପୁତ୍ରଗଣ ସଙ୍ଗେ　　　　　ଜଗି ବସି ଥିଲେ
ଦିନରାତି ଉଜାଗର
ମୂଷା ସରଣୀରେ　　　　　ବିରାଡ଼ି ଯେସନେ
ଛକି ବସି ନିରନ୍ତର ।୬।
ବେନିପଥ ଦ୍ୱାରୀ-　　　　　ଘାଟି ଜଗିଥିଲେ
ଖରସଳ ଜମିଦାର
ଦିଆଳ ସର୍ଦ୍ଦାର　　　　　ତୀକ୍ଷ୍ଣ ବୁଦ୍ଧି ଯାର
ଦେଖି ଗୋରା ଥରହର ।୭।
ଅନ୍ୟତମ ଘାଟି　　　　　ପାହାଡ଼ ଶ୍ରୀଗିଡ଼ା
ଗିରିପଥ ପାଇଁ ଡରା
ସେହି ଅ ଳର　　　　　ଜନାର୍ଦ୍ଦନ ସିଂହ
ଖାଉଥିଲେ ଶୀତ ଖରା ।୮।
ସମ୍ବଲପୁରରୁ　　　　　ହଜାରି ବାଗକୁ
ରହିଅଛି ଯେଉଁ ପଥ
ଝରଘାଟି ଠାରେ　　　　　ଜଗିବସି ଥିଲେ
ସୁରେନ୍ଦ୍ର ଭାଇ ଉଦନ୍ତ ।୯।
ସମ୍ବଲପୁରରୁ　　　　　ରା଼ ଯୋଗାଯୋଗ
ବିଚ୍ଛିନ୍ନ କରିଲେ ପଥ
ରେଙ୍ଗାଲି ନିକଟ　　　　　ମଉଳା ଭଣଜା
ଘାଟି ଜଗି ବହୁ ଲୋକ ।୧୦।
ସମ୍ବଲପୁରରୁ　　　　　କଟକ ରାସ୍ତାକୁ
ଯୋଗାଯୋଗ ଯେଉଁପଥ
ବଡ଼ଘାଟି ଠାରେ　　　　　ଜଗି ବସିଥିଲେ
ଲୋଇସିଂହା ଗ୍ରାମ ଲୋକ ।୧୧।

ପପଙ୍ଗା ପାହାଡ଼ ଘାଟି ଯେଉଁ ଗଡ଼
ରହିଥିଲେ ଶୂର ବୀର
ସୈନ୍ୟ ବଳ ଘେନି ଜଗିଥିଲେ ପୁଣି
ଜମିଦାର ମନୋହର ।୧୨।
ବାରପାହାଡ଼ର ତା ମଧ୍ୟ ସ୍ଥଳର
ଲଖନପୁର ମୁଖିଆ
ଜଗି ବସିଥିଲେ ଜମିଦାର ଭଲେ
ସେଠାକାର ତିନି ଭାୟା ।୧୩।
ଗଜରାଜ ସିଂହ ନୀଳାମ୍ବର ସିଂହ
ସାନଭାଇ ସେ କମ୍ବଳ
ସମ୍ବଲପୁରକୁ ସମସ୍ତ ଦିଗରୁ
ବିଚ୍ଛିନ୍ନ କରି ସକଳ ।୧୪।
ପଥ ଅବରୋଧ ଇଂରେଜଙ୍କ ମୁକ୍ତ
ବାଧାପ୍ରାପ୍ତ ଯାତାୟାତ
ଅଣନିଶ୍ୱାସରେ ଶତ୍ରୁର ପ୍ରାଣକୁ
ହରିଥିଲେ ହନ୍ତ ସନ୍ତ ।୧୫।

-୦-

ଷଷ୍ଠ ସର୍ଗ

(ଇଂରେଜ ସେନାପତି ମି.ମୁର ଙ୍କୁ ମଧୁ ଗୌନ୍ତିଆଙ୍କ ଦ୍ୱାରା ହତ୍ୟା ଇଂରେଜଦ୍ୱାରା ଛବିଳ ସାଏଙ୍କ ମୃତ୍ୟୁ, ଇଂରେଜଙ୍କ ଦ୍ୱାରା କୋଳାବିରା ଗୌନ୍ତିଆଙ୍କ ମୃତ୍ୟୁ, କେପଟେନ ଉଡବ୍ରିଜଙ୍କ କଟାମୁଣ୍ଡ ପାହାଡ଼ରେ ଝୁଲାଇବା, ଘେଁସ ଜମିଦାରଙ୍କ ଦ୍ୱାରା ଇଂରେଜ ସିପାହୀ ଅନେକ ମୃତ୍ୟୁବରଣ)

ଶୁଣ ସାଧୁଜନେ　　　　ଅପୂର୍ବ ବିଧାନେ
ମାଧୋ ସିଂହ କରାମତି
ତାଙ୍କ ବଂଶକୃତି　　　　ଶୁଣିଲେ ଅରାତି
ଥରୁଥାଏ ଦିନରାତି ।୧।
ବିପ୍ଳବୀ ଗଣଙ୍କ　　　　କରାମତି ଯାକ
ରହିଥିଲା ଭୟଙ୍କର
ସମ୍ବଲପୁରର　　　　ଚାରିଦିଗ ଦ୍ୱାର
ଇଂରେଜଙ୍କ ଯମଦ୍ୱାର ।୨।
ସମ୍ବଲପୁରରୁ　　　　କଟକ ପଥକୁ
ଝୁମ୍ପୁମୁରା ଗ୍ରାମ ଆଗ
ଜଗି ବସିଥିଲେ　　　　ମଧୁ ଗଉନ୍ତିଆ
ମୀନ ଆଶେ ଯଥା ବଗ ।୩।
ସେନାପତି ମୁର　　　　ହୋଇ ଆଗଭର
ବିପ୍ଳବୀ ଦମନ ପାଇଁ
କଟକରୁ ଆସି　　　　ଝୁମ୍ପୁମୁରା ପସି
ମଧୁ ହାତେ ହତ୍ୟା ହୋଇ ।୪।
ବିପ୍ଳବୀ ଦମନେ　　　　ପଠାଇ ସଇନେ
ମେଜର ବେଟସ୍ କେପଟେନ୍
ଘୁମସର ସୈନ୍ୟ　　　　ଆଣି କେପଟେନ୍
କଲେ ବନ ଅପ୍ରେସନ୍ ।୫।

ଉଦନ୍ତକୁ ଖୋଜି   କୁଦୋପାଲି ପଶି
ଛବିଲ କଲେ ହନନ
ବିପ୍ଳବୀ ତେପନ   ଛାଡିଲେ ପରାଣ
ଫାଶୀ ପାଇ ଚାରିଜଣ ।୬।
କାରାଦଣ୍ଡେ ଦୁଇ   ସାତବର୍ଷ ରହି
ଭୋଗିଲେ ସଶ୍ରମ କାରା
ଇଂରେଜଙ୍କ ଏହି   ବିଜୟେ ସିପାହୀ
ଉତ୍ସାହେ ପିଟି ଡିଙ୍ଗୁରା ।୭।
ମେଜର ବେଟ୍‌ସି   ଝରଘାଟି ପଶି
ହଜାରେ ସଇନ ନେଇ
କୋଳାବିରା ଯାଇ   ଗଉନ୍ତିଆ ମାରି
ଗଉନ୍ତି ନେଲେ ଛଡ଼ାଇ ।୮।
ପାହାଡ଼ ଶ୍ରୀଗିଡ଼ା   ସେବାଟେ ସିଙ୍ଗୋଡା
କେପଟେନ୍ ଉଡ୍ ବ୍ରିଜ ଗଲେ
ଜନାର୍ଦ୍ଦନ ସିଂହ   ବସି ଯେହ୍ନେ ସିଂହ
ହାବୁଡେ ଯାଇ ପଡ଼ିଲେ ।୯।
ଛିନ୍ନ ଛତ୍ର ହୋଇ   ଇଂରେଜ ସିପାହୀ
ଭୟେ ପଳାଇ ଗୋପନେ
ହାତେ ଜନାର୍ଦ୍ଦନ   ଉଡବ୍ରିଜ ପ୍ରାଣ
ଚାଲିଗଲା ସେହିକ୍ଷଣେ ।୧୦।
ମଥୁରା ପାଣ୍ଡେ ଓ   ମାରବତ ଖାନ
ବ ିଗଲେ ଜୀବନର
ସମ୍ବଲପୁରର   ଏଇଜେନଠାର
ଜଣାଇଥିଲେ ଖବର ।୧୧।

ଏଇ ଜେନ ଯାଇ ସଇନ ପଠାଇ
ଦେଖିଲେ ନିଜ ନୟନେ
ଉଡବ୍ରିଜଙ୍କର ତହି କଟା ଶିର
ଝୁଲୁଛି ପର୍ବତ କୋଣେ ।୧୨।
ଭୟଭୀତ ହୋଇ ଡାକିଲେ ସିପାହୀ
ଗୋଳା ତୋପର ସହିତ
ମାନ୍ଦ୍ରାଜୀ ପଲଟନ ସେକ୍ସପିୟର କେପ୍‌ଟେନ୍
ପଠାଇଥିଲେ ତ୍ୱରିତ ।୧୩।
ଏହା ବରଗଡ଼ ରାୟପୁର ପଥ
ସହେଲା ନିକଟେ ସ୍ଥିତ
ସିଙ୍ଗୋଡା ଘାଟିକୁ ଆକ୍ରମଣ କଲେ
ତା ସଇନ ଅତର୍କିତ ।୧୪।
ଘେଁସ ଜମିଦାର ମାଧୋସିଂହଙ୍କର
ପୁତ୍ରଗଣ ଥିଲେ ଜଗି
ସିଂହ ମୁଖୁଁ ଯଥା ପଶୁକୁଳ ତଥା
ନ ପାରିଲେ ସେହୁ ଭାଗି ।୧୫।
ମାଧୋ ସିଂହ ପୁତ୍ର ଐରୀ ବୈରୀ ହଟେ
ଜୋଇଁ ଭଣଜା କୁଞ୍ଜଲ
ସେ ପୁତ୍ର ଗୋବିନ୍ଦ ପୂର୍ଣ୍ଣିମାକୁ ଚାନ୍ଦ
ଯୁଦ୍ଧରେ ହେଲେ ମାତାଲ ।୧୬।
ଶତ ଶତ ଶର ଧନୁ ନିରନ୍ତର
ଚାରି ଦିଗେ ଦେଲେ ଛାଇ
ମଘା ନକ୍ଷତ୍ରରେ ପ୍ରାୟ ଜଳଧାର
ଶର ଦେଲେ ବରଷାଇ ।୧୭।

ଶତ ଶତ ତହିଁ ମାନ୍ଦ୍ରାଜୀ ସିପାହୀ
ଏକା ବେଳେ ହେଲେ ନାଶ
ମୁଣ୍ଡ ଛିନ୍ନ ହୋଇ ପାଦ ଛିନ୍ନ ହୋଇ
କୁଢ଼ କୁଢ଼ ଗଦାଲାସ ।୧୮।

ମାଧୋ ସିଂହ ଜ୍ୱାଇଁ ନାରାୟଣ ସିଂହ
ପୁତ୍ର ପୁତ୍ର ବଧୂ ନାରୀ
ଇଂରେଜ ବିରୋଧୀ ନୁହନ୍ତି ସେ ଦ୍ରୋହୀ
କେବଳ ଘେଁସର ମୈତ୍ରୀ ।୧୯।

ବୈବାହିକ ହେତୁ ସମ୍ବନ୍ଧର ସେତୁ
ବାନ୍ଧିଥିଲେ ବନ୍ଧୁ ଭାବ
ଏହାକୁ ନ ସହି ସାହେବ ସିପାହୀ
ରଖିଥିଲେ ଶତ୍ରୁ ଭାବ ।୨୦।

ବିଶ୍ୱାସ ଘାତକ ଦେଓରି ରାଜାଙ୍କ
ମିଥ୍ୟା ଅପବାଦ ଦେଇ
ରାୟପୁରଠାରେ ନାରାୟଣ ବୀରେ
ହତ୍ୟା କରିଲେ ସିପାହୀ ।୨୧।

ତାଙ୍କ ପୁତ୍ର ବୀର ଶ୍ରୀ ଗୋବିନ୍ଦ ସିଂହ
ପ୍ରତିଜ୍ଞା କରିଲେ ତହିଁ
ଯେତେଦିନ ଯାଏ ଇଂରେଜ ନ ଯାଏ
ଘରକୁ ଫେରିବି ନାହିଁ ।୨୨।

ପିତୃ ହତ୍ୟାକାରୀ ପ୍ରତିଶୋଧ ଧରି
ସୁରେନ୍ଦ୍ର ସଂଗ୍ରାମେ ମିଶି
ମହାଯୁଦ୍ଧ କରି ସଂଗ୍ରାମରେ ହାରି
ରାୟପୁରେ ପାଇ ଫାଶୀ ।୨୩

ଏହି ବୀରଙ୍କର ସ୍ମୃତି ଉଦ୍ଦେଶ୍ୟରେ
ବିଜୟ ସ୍ତମ୍ଭ ରହିଛି
ଜୟ ସ୍ତମ୍ଭ ଚୌକ ନାମରେ ଉଲ୍ଲେଖି
ଛକର ନାମ ରହିଛି ।୨୪।
ମାଧୋ ସିଂହ ଝିଅ ଗୋବିନ୍ଦଙ୍କ ମାତା
ତୁଳସୀ ଅସହାୟରେ
ସ୍ୱାମୀ ପୁତ୍ର ହାରୀ ଦୟନୀୟ ଭାବେ
ମୃତ୍ୟୁବରଣ ଶେଷରେ ।୨୫।
ଭୋଗ ବିଳାସରେ ଅତି ଆନନ୍ଦରେ
ଗୋବିନ୍ଦଙ୍କ ପରିବାର
ଚାହିଁଥିଲେ ସେହି ଶାନ୍ତିପୂର୍ଣ୍ଣେ ରହି
ଆନନ୍ଦେ ବ ୍ ସଂସାର ।୨୬।
ଘେଁସ ପରିବାର ରକ୍ତର ସମ୍ବନ୍ଧ
ଟାଣି ନେଲା ତାଙ୍କ ମନ
ରଣେ ଅକାରଣେ ପରିବାର ଜନେ
ସମସ୍ତେ ହାରି ଜୀବନ ।୨୭।
ଏକା ବ ୍ଥିଲେ ପୂର୍ଣ୍ଣିମା ଆଳୟେ
ସ୍ୱାମୀ ଶ୍ୱଶୁର ବିୟୋଗେ
ସ୍ମରୀ ସ୍ମରୀ ତାଙ୍କ ପରିବାର ଲୋକ
ପାଗଳି ହେଲେ ସେ ମାର୍ଗେ ।୨୮।
ସ୍ୱାମୀସ୍ୱାମୀ ବୋଲି ପିତାପୁତ୍ର ବୋଲି
ବୁଲି ବୁଲି ଇତସ୍ତତ
ଏକଇ କୂଅରେ ପଡ଼ି ନିରୋଳାରେ
ହୋଇଥିଲେ ସେ ସ୍ୱର୍ଗତ ।୨୯।

-୦-

ସପ୍ତମ ସର୍ଗ

(ସିଂଗୋଡା ଘାଟିରେ ଇଂରେଜଙ୍କ ପରାସ୍ତ ତାଙ୍କ ବହୁ ସୈନ୍ୟ ନିହତ । ମାଧୋ ସିଂହଙ୍କୁ ଫାଶୀ ତାଙ୍କ ପୁତ୍ରମାନଙ୍କୁ ଗୋଟିଗୋଟି କରି ବିଶ୍ୱାସଘାତକ ଦ୍ୱାରା ଧରି କାରାଗାରେ ବନ୍ଧନ, ଫାଶୀ ଓ କଳାପାଣି ପଠାଇବା)

ମାଧ ପୁତ୍ରଗଣେ   ସିଂଗୋଡାର ରଣେ
ମାରି ଗୋରା ସେନାପତି
ଏହି ଘାଟିଥିଲା   ଇଂରେଜଙ୍କ ମେଳା
ମୃତ୍ୟୁ ସ୍ଥଳ ପରିଣତି ।୧।
ଏଥିପାଇଁ ସିନା   ଇଂରେଜଙ୍କ ସେନା
ଘେଁସ ପ୍ରତି ପ୍ରତିଶୋଧ
ଆକ୍ରମଣ କରି   ଗ୍ରାମଦେଲେ ପୋଡ଼ି
କରିଥିଲେ ସଦା ଯୁଦ୍ଧ ।୨।
ମାଧୋ ସିଂହ ଦିନେ   ଯାଉଥିଲେ ଗ୍ରାମେ
ମାଟିଆ ଭଟା ସକାଳେ
ଏ ସମୟେ ଦେଖି   ଇଂରେଜ ସିପାହୀ
ହସ୍ତେ ଧରି ବନ୍ଦୀ କଲେ ।୩।
ମିଥ୍ୟା ଅଭିଯୋଗେ   ବିଚାର ବିଭାଗେ
ହୋଇଲେ ଦୋଷୀ ସାବ୍ୟସ୍ତ
ସମ୍ବଲପୁରର   ଜେଲ ଛକଠାରେ
ଝୁଲିଲେ ଫାଶୀର ଖୁ   ।୪।
ପିତାଙ୍କ ଆଗରୁ   ଐର ସିଂହଙ୍କର
ବୁଲି ବୁଲି ଘୋର ବନ
ଦୁର୍ଭାଗ୍ୟର କ୍ରମେ   ଉପବାସେ ବନେ
ହାରିଲେ ତାଙ୍କ ଜୀବନ ।୫।

ମାଧୋ ସିଂହଙ୍କର ଶହୀଦ ଦିନକୁ
ପୂର୍ଣ୍ଣ ବହୁ ଆଡମ୍ବରେ
ପାଳି ପ୍ରତିବର୍ଷ ବୀରତା ଦିବସ
ସରକାର ଶ୍ରଦ୍ଧା ଭରେ ।୬।
ପିତାଙ୍କର ଅନ୍ତେ ଯାବତ ଜୀବନ
ତିନି ପୁତ୍ର ମହାରଥୀ
ସିଂଗୋଡା ଘାଟିର ଗୁରୁତ୍ୱ ଦାୟିତ୍ୱ
ରହିଥିଲା ତାଙ୍କ ସାଥି ।୭।
ତାଙ୍କ ପୁତ୍ର ଜ୍ୟେଷ୍ଠ ହଟେ ସିଂହ ଶ୍ରେଷ୍ଠ
ଯୁଦ୍ଧ କରି ଘମାଘୋଟ
କେପଟେନଙ୍କ ସଙ୍ଗର ଲଢ଼ି ଧୁରନ୍ଧର
ବାଜିଲା ପଥରଖଣ୍ଡ ।୮।
ଖରସଲ ଭୋଇ ସୁରକ୍ଷିତେ ସେହି
ଉଦ୍ଧାର କରିଲେ ରଣେ
ବ୍‌ ଥିଲେ ସତ ରହିଲା ମହତ
ହାରିଲେ ଶ୍ରବଣ କାନେ ।୯।
ଘେଁସ ରାଜ ବୈଦ୍ୟ ପଏନୁ ଭିଷକଙ୍କ
ସହିତେ କୃଷ୍ଣ ରାଜନ
ଚିକିତ୍ସା କରିଣ ସୁସ୍ଥ କରାଇଲେ
ହେଲେ ବଧିର ଆପ୍ରାଣ ।୧୦।
ହେଲେ ସେହି ବୀର ହାରିନାହିଁ ତୀର
ଥିବା ପର୍ଯ୍ୟନ୍ତ ଜୀବନ
ତାଙ୍କ କାର୍ଯ୍ୟ ଦେଖି ଇଂରେଜ ପରକ୍ଷି
ମୁଣ୍ଡ ରଖିଲେ ଜାମିନ ।୧୧।

କେନକେନୀ ନାମେ ବ୍ୟକ୍ତିଟି ଜଣେକ
ଅନ୍ୟ ମୁଣ୍ଡ କାଟି ଆଣି
ପା   ଖଣ୍ଡ ଗ୍ରାମ ପାଇଲେ ଇନାମ
ସ୍ଥାନ ନାମ କେନ ମୁଣ୍ଡି ।୧୨।

ବୈରୀ ସିଂହ ଭ୍ରାତ ହୋଇ କ୍ରୋଧାନ୍ୱିତ
କେନମୁଣ୍ଡି ଗ୍ରାମ ଯାଇ
ହତ୍ୟା କରିଥିଲେ କେନକେନୀକୁ ଭଲେ
ଯମପୁରକୁ ପଠାଇ ।୧୩।

ମେଜର ଇମ୍ପେଙ୍କ ଉଦାର ନୀତିକୁ
ହଟେଙ୍କୁ ଦୁର୍ବଳ ସ୍ମରୀ
ଆତ୍ମ ସମର୍ପଣ ମଞ୍ଜୁର କରିଣ
ଫେରାଇଲେ ଜମିଦାରୀ ।୧୪।

କିଛିଦିନ ପରେ ଅଭିଯୋଗ ପରେ
କୁଞ୍ଜଲ ଗୁପ୍ତ ସମ୍ପର୍କ
କଳାପାଣି ତାକୁ ସେଲୁର ଜେଲକୁ
ପଠାଇ ହୋଇ ନିର୍ଭୀକ ।୧୫।

ବହୁଦିନ ରହି ସେ ବୀର ବିଦ୍ରୋହୀ
କଳାପାଣି ଜେଲ ମଧ୍ୟେ
ବହୁ ଶ୍ରମ ହେତୁ ଅସ୍ୱାସ୍ଥ୍ୟରେ କିନ୍ତୁ
ଜୀବନ ଗଲା ଦୁଃଖଦେ ।୧୬।

ଦ୍ୱିତୀୟ କୁଞ୍ଜଳ ପୁତ୍ର ମହାବଳ
କେବେ ନୋହି ସମର୍ପଣ
ସୁରେନ୍ଦ୍ର ସାଏଙ୍କ ବିପ୍ଳବ ଭୂମିକା
ନିର୍ବାହୀ ସାରା ଜୀବନ ।୧୭।

ଦେଓରି ଗୋବିନ୍ଦ ଜମିଦାର ମନ୍ଦ
କୁଞ୍ଜଳଙ୍କ ଅନୁଗାମୀ
ଗୋବିନ୍ଦ ସିଂହଙ୍କୁ ହତ୍ୟା କରିବାରୁ
ଏହି ଦୋଷେ ହେଲେ ଟାଣି ।୧୮।
ଏହି ଦୋଷାରୋପେ ସାହେବ ପ୍ରକୋପେ
ଡାକି ଆତ୍ମ ସମର୍ପଣେ
ହେଲେ ଏ ବୀରଙ୍କ ଜୀବନର ଟେକ
ରହିଥିଲା ଆଜୀବନେ ।୧୯।
ଜୀବନ୍ତ ଧରାଇ ଆଣିବାର ପାଇଁ
ଅଢ଼େଇ ଶତ ଘୋଷଣା
ଇଂରେଜ ହାକିମ ରଖିଲେ ଜାମିନ
ବୈମାନେ ଦେବେ ପାଉଣା ।୨୦।
ହେଲେ ସେହି ବୀର ବିଶ୍ୱାସ ଘାତର
ହୋଇଥିଲେ ସେ ଶିକାର
ଶ୍ରୀମଦ୍ ଚୌକିଦାର ଗୋରାଗୁପ୍ତ ଚର
ଖୋଜି ପାଇଲା ଖବର ।୨୧।
ସିଧରା ଗ୍ରାମରୁ ଧରାହେଲେ ମେରୁ
ଶାଳେଗ୍ରାମଙ୍କ ସହିତ
ମିଥ୍ୟା ଅଭିଯୋଗେ ଜାଲସାକ୍ଷୀ ଯୋଗେ
ମହାଦୋଷରେ ପତିତ ।୨୨।
ନରହତ୍ୟା ଦୋଷେ ଅପରାଧି ରୋଷେ
ସାବ୍ୟସ୍ତ ବୀର କୁଞ୍ଜଳ
ସମ୍ବଲପୁରରେ ମହାକାରାଗାରେ
ଫାଶୀ ପାଇଲେ ତତ୍କାଳ ।୨୩।

-୦-

ଅଷ୍ଟମ ସର୍ଗ

(ବୈରୀ ସିଂହ ବୃ ାନ୍ତ, ବଇରୀ ସିଂହ ନିଶାଘାଟି ଦାୟିତ୍ୱ ନେବା ।)

ମାଧୋ ସିଂହ ପୁତ୍ର ତୃତୀୟ ବଇରୀ
ଦାୟିତ୍ୱ ନିଶାଘାଟିର
ଅତି ସୁନ୍ଦରରେ ତୁଲାଇ ଚତୁରେ
ନାମ ରଖି ବିପ୍ଳବର ।୧।
ସେ ସୁରେନ୍ଦ୍ର ସାଏ ଡାକି ବୈରୀ ସିଂହେ
ବୋଇଲେ ମୃଦୁବଚନେ
ନିଅ ବୀର ତୁମ୍ଭେ ସୋରତଲା ଦମ୍ଭେ
ବିପଦ ଘାଟି ଚାଳନେ ।୨।

ସୁରେନ୍ଦ୍ରଙ୍କ କଥା ମାନି ବୀରମଣି
ସେ ସୋରତଲା ଦାୟିତ୍ୱ
ଅତି ଆନନ୍ଦରେ ନିର୍ବାହ କରିଲେ
ବିପ୍ଲବୀଙ୍କ ସୁରକ୍ଷିତ ।୩।
ଭାତୃହତ୍ୟାକାରୀ କେନ୍‌କେନୀକୁ ମାରି
ଆନନ୍ଦ ହୋଇଲେ ସତ
ଏହି ଦୋଷାରୋପେ ମେଜରଙ୍କ କୋପେ
କୁଟନୀତିରେ ପତିତ ।୪।
ମେଜର ଇମ୍ପେଙ୍କ ଉଦାର ନୀତିରେ
ଉଦନ୍ତଙ୍କ ପରାମର୍ଶେ
ହାତୀ ସିଂହ ସହ ଆତ୍ମ ସମର୍ପଣ
କରିଥିଲେ ସେହି ବର୍ଷେ ।୫।
ବନ୍ଧା ଦୁର୍ଗେ ସେହୁ ଗିରଫ ହୋଇଲେ
ଇଂରେଜଙ୍କ ଅବିଶ୍ୱାସେ
ସମ୍ବଲପୁରର ଜେଲ ମଧ୍ୟେ ରହି
ତ୍ୟଜିଲେ ନିଃଶ୍ୱାସ ଶେଷେ ।୬।
ମାଧୋ ସିଂହଙ୍କର ତୃତୀୟ ପୁତ୍ରର
ନାମ ବୈର ସିଂହ ଜାଣ
ତାଙ୍କ ମୃତ୍ୟୁ ଥିଲା ସମ୍ବେଦନଶୀଳ
ନିଷ୍ଠୁର କ୍ରୁର ଦାରୁଣ ।୭।

ବୈମାନି ଜନଙ୍କ କ୍ରମେକ୍ରମେ ତାଙ୍କ
ମୃତ୍ୟୁ ଚାଲିଥିଲା ଅଭିଶାପ
ଶ୍ରୀମଦ ଚୌକିଦାର ଶନୁଭାଟ ନାରୀ
ଫଗ୍ନୀ ଭାଟେନର ପାପ ।୮।
ପାପକର୍ମେ ତାଙ୍କ ଚକ୍ରାନ୍ତେ ଶିକାର
ହୋଇଥିଲେ ବୈରୀ ବୀର
ତାଙ୍କର ଦୁଃଖଦ ଘଟଣା ଯେ ଶୁଣି
କାନ ତା ହୁଏ ବଧୀର ।୯।
ଜମିଦାରୀ ଆଶେ ଲୋଭର ଲାଳସେ
ଶନୁଫଗ୍ନୀ ଚୌକିଦାର
କଲେ କ୍ରୁର କର୍ମ ଲୋମହର୍ଷ ମର୍ମ
ତା ଶୁଣି ହୃଦ ବିଦାର ।୧୦।
ଐରୀ ସିଂହ ପ୍ରତି ଷଡ଼ଯନ୍ତ୍ର ରଚି
ଅନ୍ୟାୟ କଲେ ଅସୀମ
ଇତିହାସେ ତାହା ବିରଳ ଘଟଣା
ଭୁଲି ନ ପାରେ ଜୀବନ ।୧୧।
ସୁରେନ୍ଦ୍ର ସାଏଙ୍କ ଅତି ପ୍ରିୟ ଲୋକ
ବୋଲ ମାନନ୍ତି ଯେତେକ
ବିପ୍ଲବରେ ଏକ ପ୍ରମୁଖ ନାୟକ
ଐରୀ ସିଂହ ହିଁ ଯୁବକ ।୧୨।

ସିଂଗୋଡ଼ା ଘାଟି ଓ   ନିଶାଘାଟି ଯେତେ
ଲୋକଙ୍କ ଆଶ୍ରୟୀ ସ୍ଥଳ
ସେ ସବୁ ଲୋକଙ୍କ   ଖାଦାପେୟ ଯାହା
ଯୋଗାଡନ୍ତି ଆପ୍‌କାଳ ।୧୩।
ଏଣୁ ସିନା ବୈରୀ   ବିପ୍ଳବଙ୍କ ଭାରି
ପ୍ରିୟ ଭାଜନ ସବୁରି
ଖାଦ୍ୟପେୟ ସଙ୍ଗେ   ଖବର ସଂଯୋଗେ
ସମନ୍ୱୟ ରକ୍ଷାକାରୀ ।୧୪।
ଘେଁସ ନିକଟର   ରହିଥିଲା ଏକ
ଗୋରାଙ୍କ ସାହେବ ଡେରା
ଦିନେ ଐରୀ ସିଂହ   ଫେରୁଥିବା ବେଳେ
ଦେଖି ଅନୁଚର ଗୋରା ।୧୫।
ସାହେବ ଡେରାରେ   ଇଂରେଜ ସାହେବେ
ବାର୍ତ୍ତା ଦେଲେ ସେହି କ୍ଷଣି
ଦଳବଳ ଘେନି   ଇଂରେଜ ଜୱାନୀ
ଖୋଜି ନ ପାଇଲେ ମଣି ।୧୬।
ଏମନ୍ତ ସମୟେ   ବିଶ୍ୱାସଘାତକେ
ଦେଖିଲେ ଐରୀଙ୍କ ଶ୍ୱାନ
ଏକଇ ବିବରେ   ଛକି ବସିଅଛି
ଐରୀଙ୍କ ବିଶ୍ୱାସୀ ପ୍ରାଣ ।୧୭।

ଐରୀ ସିଂହଙ୍କର   ବିବରେ ଥିବାର
ସନ୍ଦେହ ସଙ୍କଟ ମନେ
କୁଟାକାଟି ଆଣି   ଅଗ୍ନି ଲଗାଇଲେ
ବିବରେ ଅତି ଯତନେ ।୧୮।

ହୁ ହୁ ହୁତାଶନ   ଜଳିଲା ବହନ
ବିବରେ ପଶିଲା ଧୂମ
ମୁଖରେ ବିବର   ବିରାଟ ପଥର
ଢାଙ୍କିଲା ଆଣି ଅଧମ ।୧୯।

ଅଣ ନିଃଶ୍ୱାସରେ   ବିବର ଭିତରେ
ଐରୀଙ୍କ ଜୀବନ ଗଲା
ଘେଁସ ଜମିଦାରୀ   ପୂର୍ଣ୍ଣଚ୍ଛେଦ ତାରି
ପରିସମାପ୍ତି ଘଟିଲା ।୨୦।

ଏ ଦୁଃଖଦ ବା ର୍ା   କ୍ରମେ କ୍ରମେ କଥା
ଶୁଣିଲେ ପୀଠ ବାବରୀ
ଡେବ୍ରୀଗଡ଼େ ଥିବା   କୁଞ୍ଜୀଳ ନିକଟେ
ଖବର ପ୍ରଦାନ କରି ।୨୧।

ଏ ଖବର ଶୁଣି   ମର୍ମାହତ ପୁଣି
ହୋଇଲେ କୁଞ୍ଜୀଳ ସିଂହ
ରାତା ରାତି ଫେରି   ଘେଁସ ଜମିଦାରୀ
ନିଶାଶଙ୍କେ ଯଥା ସିଂହ ।୨୨।

ଏ ଘଟଣା ଶୁଣି କ୍ରୋଧାନ୍ୱିତେ ପୁଣି
ଭାଟ ଦମ୍ପ ି ନିକଟେ
ସଙ୍ଗେ ସଙ୍ଗେ ଗମୀ ଆକ୍ରୋଶେ ଆକ୍ରମୀ
ଫଗୁନୀକୁ ଦେଲେ ଚୋଟେ ।୨୩।
ଫଗୁନୀର ପ୍ରାଣ ହେଲା ସମାପନ
ଶନୁ ଭାଟ ପଳାଇଲା
ବିଶ୍ୱାସ ଘାତକ ସନ୍ତକ ମାତ୍ରକ
ଡୁଙ୍ଗୁରୀ ନାମ ରହିଲା ।୨୪।
ଐରୀ ସିଂହଙ୍କର ମୃତ୍ୟୁର ବିବର
ନାମ ରହିଲା ଜଗତେ
ସୁରେନ୍ଦ୍ର ସାଏଙ୍କ ନାମ ରହି ଟେକ
ସାଏ ଦୁଏଲ ମରତେ ।୨୫।

-୦-